## ବିଶ୍ୱ ପରିବେଶ ଦିବସ

**ଭୁବନେଶ୍ୱର,(ବ୍ୟୁରୋ):** ଓଡିତ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ଏକ ୱେବିନାର ଆୟୋଜିତ ହୋଇଯାଇଛି। 'ପରିସଂସ୍କାର ପୁନରବିନ୍ୟାସ' ଶୀର୍ଷକ ଏହି କାର୍ଯ୍ୟକ୍ରମରେ 'ଓଡିଶାର ଇକୋସିଷ୍ଟମର ପୁନରୁଦ୍ଧାର' ସମ୍ପର୍କରେ ଆଲୋଚନା କରାଯାଇଥିଲା। ଲୋକାୟୁକ୍ତ ସଦସ୍ୟ ଡ. ଦେବବ୍ରତ ସ୍ୱାଇଁ ଏବଂ ବନ ବିଭାଗର ପୂର୍ବତନ ମୁଖ୍ୟ ସଂରକ୍ଷଣକାରୀ ଡ. ସୁନ୍ଦର ନାରାୟଣ ପାତ୍ର ପ୍ରମୁଖ ଓଡିଶାର ଜଙ୍ଗଲ, ବିବିଧତା ଏବଂ ଅନ୍ୟାନ୍ୟ କୃଷି ଉପରେ ଆଲୋଚନା କରିଥିଲେ। ଓଡିଶାରେ ଏପର୍ଯ୍ୟନ୍ତ ତିନୋଟି କୃଷି ଜିଆଇ ଟ୍ୟାଗ୍ ହୋଇଥିବାବେଳେ ଆହୁରି ଅଧିକ ସୁଯୋଗ ରହିଥିବା କହିଥିଲେ। ଡ. ଅନୀତା ସାବତ ସଭା ପରିଚାଳନା କରିଥିଲେ।

## ସଂକ୍ଷେପରେ

### କଟକରେ ବି ଆଜିଠୁ ଦ୍ୱିତୀୟ ଡୋଜ୍

**କଟକ ଅଫିସ, ୬।୬:** କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣ ପାଇଁ କଟକ ସହରରେ ଟିକାକରଣକୁ ତ୍ୱରାନ୍ୱିତ କରାଯାଉଛି। ସୋମବାରଠାରୁ ୧୮ରୁ ୪୪ ଏବଂ ୪୫ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଦ୍ୱିତୀୟ ଡୋଜ ଟିକା ଦିଆଯିବ। ପ୍ରଥମ ଡୋଜ୍‌ର ୮୪ ଦିନ ପୂରିଥିବା ଲୋକେ ଦ୍ୱିତୀୟ ଡୋଜ ନେଇପାରିବେ। ସକାଳ ୯ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଟିକାକରଣ ଚାଲିବ। ଟିକା ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ସାଙ୍ଗରେ ପ୍ରଥମ ଡୋଜର ପ୍ରମାଣପତ୍ର, ପଞ୍ଜୀକୃତ ମୋବାଇଲ ନମ୍ବର ଏବଂ ପରିଚୟପତ୍ର ଆଣିବେ। ଚାଉଳିଆଗଞ୍ଜ ଏବଂ ସିଡିଏ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଟିକାକରଣ ହେବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

### ଖୁଣ୍ଟୁଣୀରେ ଟ୍ରକ୍ ଟାୟାର ଚୋରି ର୍‍ୟାକେଟ୍ ସକ୍ରିୟ

**ଖୁଣ୍ଟୁଣୀ,୬।୬(ଡି.ଏନ୍.ଏ.):** ଖୁଣ୍ଟୁଣୀ ଅଞ୍ଚଳରେ ଟ୍ରକ୍ ଟାୟାର ଚୋରି ର୍‍ୟାକେଟ୍ ସକ୍ରିୟ ହୋଇ ଉଠିଛି। ଶନିବାର ବିଳମ୍ବିତ ରାତିରେ ଖୁଣ୍ଟୁଣୀ ଥାନା ସମ୍ମୁଖ ରାଜପଥ କଡ଼ରେ ଠିଆ ହୋଇଥିବା ରଞ୍ଜନ ଦାଶଙ୍କର ଏକ ଦଶଚକିଆ ଟ୍ରକ୍‌ରୁ କେହି ଦୁର୍ବୃତ୍ତ ରିମ୍ ସହ ୩ଟି ଟାୟାର ଚୋରି କରି ନିଆଯାଇଛି। ଚୋରି ଟାୟାର ମୂଲ୍ୟ ୭୫ ହଜାର ଟଙ୍କା ହେବ ବୋଲି ରଞ୍ଜନ କହିଛନ୍ତି। ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଥିବା ଆଇଆଇସି ବାମଦେବ ସ୍ୱାଇଁ କହିଛନ୍ତି। ସେହିପରି ଗୁରୁଡ଼ିଝାଟିଆ ଥାନା କପୁରସିଂ ଗ୍ରାମର ସୁନୀଲ ପ୍ରଧାନଙ୍କର ୬ଚକିଆ ଟ୍ରକ୍‌କୁ ଡ୍ରାଇଭର ଶୁକ୍ରବାର ରାତି ୧୨ଟାରେ କୁସପଙ୍ଗିଠାରେ ରାସ୍ତାକଡ଼ରେ ରଖି ଖାଇବାକୁ ଯାଇଥିବାବେଳେ କେହି ୨ଟି ଟାୟାର ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ତଦନ୍ତ ଚାଲିଛି ବୋଲି ଥାନା ଏସ୍‌ଆଇ ଗୟାଧର ବେହେରା କହିଛନ୍ତି। ଏଥିଯୋଗୁ ଟ୍ରକ୍ ମାଲିକମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି ବୋଲି ମାଲିକ ସଂଘ ସଭାପତି ମନୋଜ ମିଶ୍ର କହିଛନ୍ତି। ପୋଲିସ ତୁରନ୍ତ ପଦକ୍ଷେପ ନେବା ସହ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଟ୍ରକ୍ ମାଲିକମାନଙ୍କ ପକ୍ଷରୁ ଦାବି ହୋଇଛି।

### କବର ପାଇଁ ନୂଆ ସ୍ଥାନ ଦାବି କଲା ସତ୍ୟନଗର ମସ୍‌ଜିଦ କମିଟି

**ଭୁବନେଶ୍ୱର, ୬।୬ (ବ୍ୟୁରୋ):** ମୁସ୍‌ଲିମ୍ ସମ୍ପ୍ରଦାୟଙ୍କ ପାଇଁ ସତ୍ୟନଗର କବର ସ୍ଥାନରେ ଜାଗା ଅଭାବ ଦେଖାଦେଇଛି। କବର ଦେବା ପାଇଁ ମାଟି ଖୋଳିଲେ ସେଠାରୁ ପୂର୍ବ କବରର କଙ୍କାଳ ବାହାରୁଛି। ମୃତଦେହ ପୋତିବା ପାଇଁ ସେଠାରେ ଆଉ ଫାଙ୍କା ସ୍ଥାନ ନ ଥିବାରୁ ଶବ ଉପରେ ଶବ ପୋତା ଯାଉଛି। ଏନେଇ ରବିବାର ସତ୍ୟନଗର ମସ୍‌ଜିଦ କମିଟି ପକ୍ଷରୁ ବିଏମ୍‌ସି କମିଶନର ଓ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର ମାଧମରେ ଅବଗତ କରାଯାଇଛି। ମହାନଗର ନିଗମ ଅଞ୍ଚଳର ଯେ କୌଣସି ସ୍ଥାନରେ ୫ ଏକର ଜାଗା ଦେବାକୁ ମସ୍‌ଜିଦ୍ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। କରୋନା ମହାମାରୀ କାରଣରୁ ଏବେ ପ୍ରତିଦିନ ୭ରୁ ୮ଜଣ କବର ନେଉଛନ୍ତି। ୫୦ବର୍ଷରୁ ଉର୍ଦ୍ଧ୍ୱ ଏହି କବର ସ୍ଥଳୀରେ କବର ଦେବା କଷ୍ଟକର ହୋଇ ପଡିଲାଣି। ତେଣୁ ସରକାର ଯଥାଶୀଘ୍ର ନୂତନ କବର ସ୍ଥାନ ଚିହ୍ନଟ କରିବା ପାଇଁ ସତ୍ୟନଗର କବର ସ୍ଥାନ ଦାୟିତ୍ୱରେ ଥିବା ମୁଖ୍ୟ ଫଜାଲ ଇଲାହି, ୟୁନିଟ୍-୩ ସ୍ଥିତ ମସ୍‌ଜିଦର ମୁଖ୍ୟ ପରାମର୍ଶଦାତା ମୁଶରଫ୍ ଖାଁ, ବରିଷ୍ଠ ଆଇନଜୀବୀ ହାସମ୍ ଖାଁ, ସତ୍ୟନଗର ମସ୍‌ଜିଦ୍ ସଭାପତି ମିର୍ଜା ଜିଆଉଲ୍ ବେଗ ପ୍ରମୁଖ ଦାବି ଜଣାଇଛନ୍ତି।

# ଆଜିଠାରୁ ୧୮ରୁ ୪୪ଙ୍କୁ ଦ୍ୱିତୀୟ ଡୋଜ୍ ଟିକା

ଭୁବନେଶ୍ୱର, ୬।୬ (ବ୍ୟୁରୋ)

୧୮ରୁ ୪୪ବର୍ଷ ବୟସ୍କଙ୍କ ଟିକାକରଣକୁ ନେଇ ଉପୁଜିଥିବା ଆଶଙ୍କା ଶେଷରେ ଦୂର ହେବାକୁ ଯାଉଛି। ଏହି ବର୍ଗର ହିତାଧିକାରୀଙ୍କ ଦ୍ୱିତୀୟ ଡୋଜ୍ ପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଟିକା ଅଭାବ ଭିତରେ ଦ୍ୱିତୀୟ ଡୋଜ୍ ଅବଧି ସରି ଆସୁଥିବାରୁ ବିଏମ୍‌ସି ଅଗ୍ରାଧିକାର ଭିତ୍ତିରେ ଟିକାକରଣ ପାଇଁ ଯୋଜନା କରିଛି। ଯେଉଁମାନେ ଯାତ୍ରୀ ନିବାସ ଟିକାକରଣ କେନ୍ଦ୍ରରେ ପ୍ରଥମ ଡୋଜ୍ ନେଇଥିଲେ, ସେମାନେ କଟକ ରୋଡ୍‌ସ୍ଥିତ ବୁଦ୍ଧେଶ୍ୱରୀ କମ୍ୟୁନିଟି ସେଣ୍ଟରରେ ଦ୍ୱିତୀୟ ଡୋଜ୍ ଟିକା ନେବେ। ସେହିପରି ତେରାପନ୍ଥ ଭବନଠାରେ ପ୍ରଥମ ଡୋଜ୍ ଟିକା ନେଇଥିବା ବ୍ୟକ୍ତିମାନେ ୟୁନିଟ-୧ ବାଳିକା ଉଚ୍ଚ ବିଦ୍ୟାଳୟରେ ଦ୍ୱିତୀୟ ଡୋଜ୍ ନେଇ ପାରିବେ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ଦୁଇ କେନ୍ଦ୍ର ବାଦ୍ ଯେଉଁମାନେ ପୂର୍ବରୁ ପ୍ରଥମ ଡୋଜ୍ ଯେଉଁଠାରେ ନେଇଥିଲେ ଦ୍ୱିତୀୟ ଡୋଜ୍ ମଧ୍ୟ ସେହିଠାରେ ନେଇ ପାରିବେ। ତେବେ ଟିକା କେନ୍ଦ୍ରକୁ ଯିବା ସମୟରେ ପ୍ରଥମ ଡୋଜ୍ ଟିକାକରଣର ସାର୍ଟିଫିକେଟ୍ ସାଙ୍ଗରେ ନେଇ ଯିବାକୁ ବାଧ୍ୟତାମୂଳକ କରାଯାଇଛି। ଏଥିସହ ଟିକାକରଣ ପାଇଁ ତାରିଖ ନିର୍ଦ୍ଧାରଣ କରାଯାଇଛି।

ଗତ ମେ' ୩ରେ ଟିକା ନେଇଥିବା ହିତାଧିକାରୀ ଦ୍ୱିତୀୟ ଡୋଜ୍ ସୋମବାର ୭ ତାରିଖରେ ନେବେ। ଏହି ଟିକାକରଣ ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ। ସେହିପରି ମେ ୪ରେ ପ୍ରଥମ ଡୋଜ୍ ନେଇଥିବା ବ୍ୟକ୍ତି ୭ ତାରିଖ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ, ମେ ୫ରେ ଟିକା ନେଇଥିବା ବ୍ୟକ୍ତି ଆସନ୍ତା ୮ ତାରିଖ ସକାଳ ୯ଟାରୁ ଅପରାହ୍ନ ୧ଟା , ମେ ୬ରେ ଟିକା ନେଇଥିଲେ ୮ ତାରିଖ ଅପରାହ୍ନ ୩ଟାରୁ ୬ଟା, ମେ ୭ରେ ଟିକା ନେଇଥିଲେ ୯ ତାରିଖ ସକାଳ ୯ଟାରୁ ଅପରାହ୍ନ ୧ଟା ମଧ୍ୟରେ, ମେ' ୮ରେ ଟିକା ନେଇଥିଲେ ୯ ତାରିଖ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା, ମେ' ୯ରେ ଟିକା ନେଇଥିଲେ ୧୦ ତାରିଖ ସକାଳ ୯ଟାରୁ ଅପରାହ୍ନ ୧ଟା, ମେ' ୧୦ରେ ଟିକା ନେଇଥିଲେ ୧୦ ତାରିଖ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା, ମେ' ୧୧ରେ ଟିକା ନେଇଥିଲେ ୧୧ ତାରିଖ ସକାଳ ୯ଟାରୁ ଅପରାହ୍ନ ୧ଟା , ମେ' ୧୨ରେ ଟିକା ନେଇଥିଲେ ୧୧ ତାରିଖ ଅପରାହ୍ନ ୧ଟାରୁ ସନ୍ଧ୍ୟା ୬ଟା, ମେ' ୧୩ରେ ଟିକା ନେଇଥିଲେ ୧୨ ତାରିଖ ସକାଳ ୯ଟାରୁ ଅପରାହ୍ନ ୧ଟା ଓ ମେ' ୧୪ରେ ଟିକା ନେଇଥିବା ବ୍ୟକ୍ତି ୧୨ ତାରିଖ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଦ୍ୱିତୀୟ ଡୋଜ୍ ଟିକା ନେଇପାରିବେ।



### ତାରିଖ ଓ ସମୟ ନିର୍ଦ୍ଧାରଣ କଲା ବିଏମ୍‌ସି

### ଉଭୟ ବର୍ଗଙ୍କ ପାଇଁ ନୂଆ ସ୍ଲଟ୍ ବୁକିଂ ଆରମ୍ଭ

ବିଏମ୍‌ସି ପକ୍ଷରୁ ଉଭୟ ୧୮ରୁ ୪୪ ଓ ୪୫ରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କ ଟିକାକରଣ ପାଇଁ ନୂଆ ସ୍ଲଟ୍ ବୁକିଂ ରବିବାର ସନ୍ଧ୍ୟା ୭ଟାରୁ ଆରମ୍ଭ ହୋଇଛି। ୧୮ରୁ ୪୪ବର୍ଗର ହିତାଧିକାରୀ ପ୍ରଥମ ଓ ୪୫ରୁ ଉର୍ଦ୍ଧ୍ୱ ବୟସ୍କ ପ୍ରଥମ ଓ ଦ୍ୱିତୀୟ ଉଭୟ ଡୋଜ୍ ଟିକା ପାଇଁ ସ୍ଲଟ୍ ବୁକିଂ କରିପାରିବେ। ବିଏମ୍‌ସି ପକ୍ଷରୁ ସହରର ୭ଟି ସ୍ଥାନରେ ଚାଲିଥିବା ଡ୍ରାଇଭ୍ ଇନ୍ ଭାକ୍ସିନେଶନ କେନ୍ଦ୍ରଗୁଡିକରେ ଟିକାକରଣ କରାଯିବ ବୋଲି ସୂଚନା ଦିଆଯାଇଛି। ସୋମବାର ୭ ତାରିଖରୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଟିକା ପ୍ରଦାନ କରାଯିବ। ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଉଭୟ ବର୍ଗର ହିତାଧିକାରୀମାନେ ପ୍ରଥମ ଡୋଜ୍ ଟିକା ନେଇ ପାରିବେ। ସେହିପରି ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୪୫ରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନେ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ଟିକା ନେଇପାରିବେ। ଏହା ବ୍ୟତୀତ ପୂର୍ବରୁ ଟିକାକରଣ କରାଯାଉଥିବା ସମସ୍ତ କେନ୍ଦ୍ରରେ ୪୫ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ଦ୍ୱିତୀୟ ଡୋଜ୍ ଟିକା ପାଇଁ ସ୍ଲଟ୍ ବୁକିଂ ଆରମ୍ଭ ହୋଇଛି। ସେଠାରେ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ହିତାଧିକାରୀମାନେ ଟିକା ନେଇ ପାରିବେ।

## ଭୁବନେଶ୍ୱରରେ ୩୫୫ ଜଣଙ୍କ ଜୀବନ ଗଲାଣି

ଭୁବନେଶ୍ୱର, ୬।୬ (ବ୍ୟୁରୋ)

- କରୋନା ମୃତ୍ୟୁରେ ଲାଗୁନି ବ୍ରେକ୍
- ଦିନକରେ ୪ ମୃତ, ୧୨୩୧ ସୁସ୍ଥ

ରାଜଧାନୀ ଭୁବନେଶ୍ୱରରେ ଏବେ ସଂକ୍ରମଣ କମୁଥିବାବେଳେ ଆରୋଗ୍ୟ ସଂଖ୍ୟା ଅଧିକ ରହୁଛି। କିନ୍ତୁ ଏହି ଆଶ୍ୱସ୍ତି ଭିତରେ ମୃତ୍ୟୁକୁ ନେଇ ଚିନ୍ତା ଘାରୁଛି। ସବୁ ପଦକ୍ଷେପ ସତ୍ତ୍ୱେ ମୃତ୍ୟୁରେ ଲାଗିପାରୁନି ବ୍ରେକ୍। ପ୍ରତିଦିନ ସହରରୁ ପ୍ରାୟ ୩ରୁ ୪ଜଣ ଆକ୍ରାନ୍ତଙ୍କ ଜୀବନ ଯାଉଛି। ଗତ ୨୪ ଘଣ୍ଟାରେ ଆଉ ୪ଜଣଙ୍କ ମୃତ୍ୟୁ ହୋଇଛି। ଏହାକୁ ମିଶାଇ ମୃତ୍ୟୁ ସଂଖ୍ୟା ୩୫୫ରେ ପହଞ୍ଚିଛି।

ଗତ ୨୪ ଘଣ୍ଟାରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରୁ ୫୬୬ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଏହାର ଦୁଇଗୁଣରୁ ଅଧିକ ଅର୍ଥାତ୍ ୧୨୩୧ଜଣ ସୁସ୍ଥ ହୋଇଛନ୍ତି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୧୧୨ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ହୋଇଥିବାବେଳେ ୪୫୪ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ପଟିଆରୁ ସର୍ବାଧିକ ୪୨ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ପୁରୁଣା ଭୁବନେଶ୍ୱରରୁ ୨୬, ନୟାପଲ୍ଲୀରୁ ୨୫, ଶୈଳଶ୍ରୀ ବିହାରରୁ ୧୨, ଲକ୍ଷ୍ମୀସାଗରରୁ ୧୧, ଖଣ୍ଡଗିରିରୁ ୨୨, ଝାରପଡାରୁ ୧୭, ଜୟଦେବ ବିହାରରୁ ୧୦, ଡୁମୁଡୁମାରୁ ୧୨, ଏମ୍‌ସ ନଗରରୁ ୭, ବରମୁଣ୍ଡାରୁ ୧୬, ଚନ୍ଦ୍ରଶେଖରପୁରରୁ ୧୩, ଚକେଇସିଆଣିରୁ ୭, ୟୁନିଟ-୬ରୁ ୯, ପାତ୍ରପଡାରୁ ୧୬, ୟୁନିଟ-୮ରୁ ୧୧, ପୋଖରୀପୁଟରୁ ୬, ସୁନ୍ଦରପଦାରୁ ୭, ଶହୀଦ ନଗରରୁ ୧୦, ରସୁଲଗଡରୁ ୭, ନୀଳାଦ୍ରି ବିହାରରୁ ୬, ଭିଏସ୍‌ଏସ୍ ନଗରରୁ ୩, ୟୁନିଟ-୩ରୁ ୪, ମଞ୍ଚେଶ୍ୱରରୁ ୬, କଳ୍ପନା, ଡମଣା, ବାପୁଜୀନଗର, ହଂସପାଳ, ଆଇଆର୍‌ସି ଭିଲେଜ ଓ ଭୋଇ ନଗରରୁ ୫ଜଣ ଲେଖାଏ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮୦ ହଜାର ୪୮୫ରେ ପହଞ୍ଚିଛି। ସେହିପରି ଆରୋଗ୍ୟ ସଂଖ୍ୟା ୭୧ ହଜାର ୩୧୩ ଛୁଇଁଛି। ବର୍ତ୍ତମାନ ସହରରେ ୮ହଜାର ୭୯୬ ସକ୍ରିୟ ଆକ୍ରାନ୍ତ ରହିଛନ୍ତି।

## ଯାଞ୍ଚରୁ ବର୍ତ୍ତିବା ପାଇଁ ପରିବା ପେଟିରେ ମଦ ଚାଲାଣ



ଭୁବନେଶ୍ୱର,୬।୬(ବ୍ୟୁରୋ)

### ୧୦୪ ବୋତଲ ମଦ ଜବତ, ୨ ଗିରଫ

ରାଜ୍ୟରେ ରବିବାର ଶଟ୍‌ଡାଉନ ପାଇଁ ପୋଲିସ ପକ୍ଷରୁ ଜୋରଦାର ଚେକିଂ ଚାଲିଥିଲା। ଯାଞ୍ଚରୁ ବଞ୍ଚିବା ପାଇଁ ପରିବା ବ୍ୟାଗ୍ ଓ ପେଟିରେ ବିଦେଶୀ ମଦ ଚୋରା ଚାଲାଣ ହେଉଥିଲା। ପୋଲିସର ସନ୍ଦେହ ହେବାରୁ ପରିବା ପେଟି ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ପେଟିରୁ ଗୋଟିଏ କି ୨ଟି ନୁହେଁ ବିପୁଳ ପରିମାଣର ବିଦେଶୀ ମଦ ବାହାରିଥିଲା। ରବିବାର ଏମିତି ଏକ ଘଟଣାରେ ଭରତପୁର ଥାନା ପୋଲିସ ୨ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ନାକା ଗେଟ୍ ଚାଳବସ୍ତିର ଶଙ୍କର ଜେନା(୩୨) ଓ ବାପିନା ଜେନା(୨୬)। ସେମାନଙ୍କ ଠାରୁ ୧୦୪ ବୋତଲ ତଥା ପ୍ରାୟ ୩୪ଲିଟର ବିଦେଶୀ ମଦ ଜବତ କରାଯାଇଛି। ସୂଚନା ଅନୁଯାୟୀ, ରବିବାର ସକାଳେ ଭରତପୁର ଥାନା ଅନ୍ତର୍ଗତ ନାକାଗେଟ୍ ନିକଟରେ ଅଭିଯୁକ୍ତଦ୍ୱୟ ଏକ ବାଇକରେ ପରିବା ପେଟିରେ ମଦ ଲୁଚାଇ ନେଉଥିଲେ। ସେହି ରାସ୍ତାରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଯାଞ୍ଚ କରି ଧରିଥିଲେ।

### ଗାଡ଼ି ପହଞ୍ଚିଲେ ଲାଗୁଛି ଧାଡ଼ି





ମାଷ୍ଟରକ୍ୟାଣ୍ଟିନ୍ ଛକରେ ଖାଦ୍ୟ ବାଣ୍ଟିବାକୁ ଏକ ଗାଡ଼ି ପହଞ୍ଚିବା ପରେ ଲୋକେ ସାମାଜିକ ଦୂରତ୍ୱ ନ ମାନି ଭିଡ଼ ଲଗାଇଛନ୍ତି।

### ନିଆଳିରେ ପୁଣି ୨୩ ପଜିଟିଭ୍

ନିଆଳି,୬।୬(ଡି.ଏନ୍.ଏ.)

ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରବିବାର କରୋନା ପଜିଟିଭ ଚିହ୍ନଟ ଶିବିର ହୋଇଥିଲା। ସିଠାଲୋ ପଞ୍ଚାୟତ ଶାସନପଦା ନୀଳମାଧବ ଜୀଉ ବିଦ୍ୟାପୀଠ ଶିବିରରେ ସଂଗୃହୀତ ୯୯ଜଣଙ୍କ ନମୁନା ମଧ୍ୟରୁ ୧୪ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବିଳାସୁଣୀରେ ସଂଗୃହୀତ ୪୩ ଜଣଙ୍କ ମଧ୍ୟରୁ ୯ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଶିବିରରେ କଟକରୁ ମେଡିକାଲ ଟିମ୍ ଆସିଥିଲେ। ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା. ଏସ୍. ନବୀନ୍, ବ୍ଲକ୍ ପ୍ରକଳ୍ପ ପରିଚାଳକ ପ୍ରମୋଦ ସ୍ୱାଇଁ, କସରଦା ସେଣ୍ଟର ସୁପରଭାଇଜର ଗୋପାଳକୃଷ୍ଣ ଆଚାର୍ଯ୍ୟ, ସିଠାଲୋ ସରପଞ୍ଚ ଅନ୍ତର୍ଯାମୀ ବଡୁ, ବିଳାସୁରୀ ସରପଞ୍ଚ ମାନଭଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଶିବିର ହୋଇଥିଲା।

## ଘର ଭିତରେ ବାର୍‌ହା

ନିଆଳି,୬।୬(ଡି.ଏନ୍.ଏ.)

ନିଆଳି ଥାନା ନିକଟସ୍ଥ ମିର୍‌ମହଲା ବସ୍ତିର ଏକ ଘରେ ରବିବାର ପଶିଥିବା ଏକ ବାର୍‌ହାକୁ ନଖରା ବନ ବିଭାଗ କର୍ମଚାରୀ ଉଦ୍ଧାର କରିଛନ୍ତି। ବାର୍‌ହାଟି ନିକଟ ଭଁରା ଜଙ୍ଗଲରୁ ଚାଲି ଆସିଥିବା ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ସୋରେନ କହିଛନ୍ତି। ଉଚ୍ଚ ଅଧିକାରୀଙ୍କ ନିଷ୍ପତ୍ତିକ୍ରମେ କେଉଁ ଜଙ୍ଗଲରେ ଛଡାଯିବ ତାହା ସ୍ଥିର କରାଯିବ ବୋଲି ଫରେଷ୍ଟର ସୋରେନ କହିଛନ୍ତି। ସୂଚନାଥାଉ କି, ସକାଳ ୭ଟାରେ ଏହି ବାର୍‌ହା ନିକଟସ୍ଥ ଜଙ୍ଗଲରୁ ମିର୍‌ମହଲା ବସ୍ତିକୁ ଚାଲିଆସିଥିଲା। ଲୋକଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରି ବାର୍‌ହାଟି ୨ଜଣଙ୍କୁ ଆହତ କରିଥିଲା। ପରେ ସେକ୍ କଲାମଙ୍କ ଘରେ ପଶିଯାଇଥିଲା। ଲୋକେ ସେହି ଘରେ ତାଲା ପକାଇ ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ। ନଖରା ବନ କର୍ମଚାରୀ ପହଞ୍ଚି ପ୍ରାୟ ଦେଢଘଣ୍ଟା ଉଦ୍ୟମ କରିବା ପରେ ସ୍ଥାନୀୟ ବସ୍ତି ଲୋକଙ୍କ ସହଯୋଗରେ ବାର୍‌ହାକୁ ଧରିବାରେ ସଫଳ ହୋଇଛନ୍ତି। ବାର୍‌ହାକୁ ଏକ ଯନ୍ତାରେ ରଖି ବନ କର୍ମଚାରୀମାନେ ନେଇଯାଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବନ ବିଭାଗ କର୍ମଚାରୀ ସଜାଗ ରହିବାକୁ ସାଧାରଣରେ ଦାବି ହୋଇଛି।



ମିର୍‌ମହଲା ବସ୍ତିର ଏକ ଘରେ ପଶିଥିବା ବାର୍‌ହା।

### ଆଠଗଡ଼ ବ୍ଲକରେ ୪୧ ପଜିଟିଭ

**ଖୁଣ୍ଟୁଣୀ,୬।୬(ଡି.ଏନ୍.ଏ):** ଆଠଗଡ ବ୍ଲକରେ ରବିବାର ୪୧ଜଣ ପଜିଟିଭ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡା. ଦିଲୀପ ଦାସ ସୂଚନା ଦେଇଛନ୍ତି। ବାଳି ଓ ବାଳି ଶାସନର ୪ଜଣ, ଆରତୀ ଷ୍ଟିଲ୍‌ର ୩, ବେଣ୍ଟପଦାର ୧୩, ରାଧାଗୋବିନ୍ଦପୁରର ୩, ରାଧାକିଶୋରପୁର ୨ , ରମ୍ଭେଇ ୨, ଭୂଇଁବରେଇ ୨ ଓ ଧୁରୁଷିଆ, ଦୋରାଡ଼, ଗଜାଆମ୍ବ, ଗୋପାଳପ୍ରସାଦ, ଜେନାପୁର, ଜେନାପଦା, କପୁରସିଂହ, କଟକିଆସହି, କୁମାରପୁର, ରାହାଓଗୋଳ, ସସାଙ୍ଗ ଓ ସୁନିଆଁମୁହଁ ଗ୍ରାମରେ ଜଣେ ଲେଖାଏ ରହିଛନ୍ତି। ଲୋକେ ମାସ୍କ ବ୍ୟବହାର ନ କରିବା, ସାମାଜିକ ଦୂରତ୍ୱ ନ ରଖି ଗୋଟିଏ ଜାଗାରେ ବହୁ ଜନ ସମାଗମ ହେବା ସହିତ ସାନିଟାଇଜ ନ କରିବା ଯୋଗୁ ଆକ୍ରାନ୍ତ ସଂଖ୍ୟା ବଢିବାର ମୂଳ କାରଣ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ତୁରନ୍ତ ଏହି ଅଞ୍ଚଳକୁ ପ୍ରଶାସନ ଦୃଷ୍ଟି ଦେଇ ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ କଲେ ଆଗକୁ ଅବସ୍ଥା ଅସମ୍ଭାଳ ହେବ ବୋଲି କୁହାଯାଉଛି।

ବିଶିଷ୍ଟ ନାଟ୍ୟକାର, ଗୀତିକାର, କଳାକାର, ସଂଗଠକ ଓ କବି
ସ୍ୱର୍ଗତ ଶ୍ରୀ ନାରାୟଣ ଚନ୍ଦ୍ର ରାୟମହାପାତ୍ରଙ୍କ
ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ ୨୭.୧୧.୧୯୩୭
ତିରୋଧାନ ୨୭.୦୫.୨୦୨୧

ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ପ୍ରେରଣା ଆମ୍ଭମାନଙ୍କ ଚଲାପଥକୁ ସଦା ଆଲୋକିତ କରୁଥାଉ। ଆପଣ ଥିଲେ ଜଣେ ବିରଳ ବ୍ୟକ୍ତିତ୍ୱ ସହିତ ଅନନ୍ୟ ପ୍ରତିଭାର ଅଧିକାରୀ। ଆପଣ ନିଜର କଳାଗୁଣ, ପରଉପକାର ପାଇଁ ଯୁଗ ଯୁଗ ଧରି ଅମର ରହିବେ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ଭଉଣୀ, ଭାଣିଜୀ ଓ ଭଣଜା
ସାଆଁଳପୁର, ଭଦ୍ରକ | ପୁରୁଣାସାହି, ଯାଜପୁର

# ନିଜ ଦରମାରୁ ରନ୍ଧାଖାଦ୍ୟ ଦେଉଛନ୍ତି କୃଷ୍ଣଚନ୍ଦ୍ର

ଭୁବନେଶ୍ୱର, ୬।୬ (ବ୍ୟୁରୋ)

କରୋନା ସଙ୍କଟ ଭିତରେ ଓଡ଼ିଶା, ଭାରତ ସମେତ ସମଗ୍ର ବିଶ୍ୱ ଫସି ରହିଛି। ଲକ୍ଷ ଲକ୍ଷ ଲୋକ ରୋଜଗାର ହରାଇ ଭୋକରେ ରହୁଥିବାବେଳେ ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ଅନେକ ସହୃଦୟ ବ୍ୟକ୍ତି ଓ ଅନୁଷ୍ଠାନ ସହଯୋଗର ହାତ ବଢାଉଛନ୍ତି। ସେପରି ଜଣେ ବ୍ୟକ୍ତି ହେଉଛନ୍ତି କୃଷ୍ଣ ଚନ୍ଦ୍ର ପ୍ରଧାନ। ଗତବର୍ଷଠାରୁ ସେ କରୋନା ଲଢେଇରେ ସାମିଲ ହୋଇଛନ୍ତି। ଭୁବନେଶ୍ୱରର ନୟାପଲ୍ଲୀ ଅଞ୍ଚଳରେ ରହୁଥିବା କୃଷ୍ଣ ଏକ ଘରୋଇ ହସ୍ପିଟାଲରେ କାମ କରୁଛନ୍ତି। ଯାହା ଦରମା ପାଉଛନ୍ତି ସେଥିରେ ନିଜ ଖର୍ଚ୍ଚ ମେଣ୍ଟାଇବା ସହ ଭୋକରେ ରହୁଥିବା ଲୋକଙ୍କୁ ଖାଦ୍ୟ ଦେଉଛନ୍ତି। କୌଣସି ଅନୁଷ୍ଠାନ ସହ ଜଡିତ ନ ହୋଇ ନିଜ ଦରମାରୁ ହିଁ ସମସ୍ତ ଖର୍ଚ୍ଚ ବହନ କରୁଛନ୍ତି। ଗତବର୍ଷ କରୋନା ସମୟରେ ପ୍ରବାସୀ ଓଡ଼ିଆଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରୁଥିଲେ। ପ୍ରବାସୀମାନେ ଆସୁଥିବା ବିଭିନ୍ନ ଗାଡି, ବସ, ଟ୍ରକ୍ ଓ ରେଳ ଷ୍ଟେଶନ ନିକଟରେ ରହି ସେମାନଙ୍କୁ ଖାଇବାକୁ ଦେଉଥିଲେ। ଏହା ବ୍ୟତୀତ ରେଳ ଷ୍ଟେଶନ ଅଞ୍ଚଳରେ ପ୍ରତିଦିନ ପାଖାପାଖି ୩ଶହ ଅସହାୟ ଲୋକଙ୍କୁ ମଧ୍ୟ ଖାଦ୍ୟ ଦେଉଥିଲେ। ଏବର୍ଷ ମଧ୍ୟ କୃଷ୍ଣ କରୋନା ଆକ୍ରାନ୍ତଙ୍କ ଆଟେଣ୍ଡାଣ୍ଟମାନଙ୍କୁ ଖାଇବାକୁ ଦେଉଛନ୍ତି। ଏମ୍‌ସ ଓ ଏସ୍‌ସିବି ମେଡିକାଲରେ ଏହି ସେବା ଜାରି ରଖିଛନ୍ତି। ତାଙ୍କର ଏହି ସେବା ମନୋଭାବକୁ ଦେଖି ଏବେ ଆଉ ୩ଜଣ ତାଙ୍କ ସହ ଯୋଡି ହୋଇଛନ୍ତି। ତେବେ ସମସ୍ତ ଖର୍ଚ୍ଚ କୃଷ୍ଣ ବହନ କରୁଥିବାବେଳେ ଅନ୍ୟମାନେ ଖାଦ୍ୟ ରାନ୍ଧିବା ଓ ମେଡିକାଲରେ ନେଇ ପହଞ୍ଚାଇବାରେ ତାଙ୍କୁ ସହଯୋଗ କରୁଛନ୍ତି। ଦିନକୁ ଏବେ ୧୨୦ରୁ ୧୪୦ ଜଣଙ୍କୁ ଖାଇବାକୁ ଦିଆଯାଉଥିବାବେଳେ ରବିବାର ଦିନ ଅଧିକ ରହୁଛି।

ଏନେଇ କୃଷ୍ଣ କୁହନ୍ତି, ଅନ୍ୟକୁ ସାହାଯ୍ୟ କରିବାର ପ୍ରେରଣା ମୋ ମା'ଠାରୁ ପାଇଥିଲି। ସେ ଗାଁରେ ରହିଲେ ବି ବହୁ ଅସହାୟ ଲୋକଙ୍କୁ ଖାଇବାକୁ ଦିଏ, ସେମାନଙ୍କୁ ସାହାଯ୍ୟ କରେ। ହସ୍ପିଟାଲରେ କାମ କରୁଥିବାରୁ ପ୍ରତ୍ୟେକ ଦିନ ଅନେକ କରୋନା ଆକ୍ରାନ୍ତ ଏଠାକୁ ଆସୁଥିବା ଦେଖୁଥିଲି। ରୋଗୀଙ୍କୁ ହସ୍ପିଟାଲ ପକ୍ଷରୁ ଖାଇବାକୁ ମିଳି ଯାଉଥିଲେ ହେଁ ସେମାନଙ୍କ ଆଟେଣ୍ଡାଣ୍ଟମାନେ ଖାଇବା ପାଇଁ ବହୁ ହଇରାଣ ହେଉଥିବା ଦେଖିଛି। ତେଣୁ ସେମାନଙ୍କ ପାଇଁ ମାଗଣାରେ ରନ୍ଧା ଖାଦ୍ୟ ଦେବାକୁ ମନସ୍ଥ କରିଥିଲି। ଅନ୍ନଦାନ କରି ପୁଣ୍ୟ ଅର୍ଜନ କରିବା ସହ ନିଜକୁ ଏ ଲଢେଇରେ ସାମିଲ କରିପାରିଥିବାରୁ ଭାରି ଖୁସି ଲାଗୁଛି।





ଭୋକରେ ଥିବା ଏକ ପରିବାରକୁ କୃଷ୍ଣଚନ୍ଦ୍ର ରନ୍ଧାଖାଦ୍ୟ ଦେଉଛନ୍ତି।

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Registration No.3367
Balaji Finance Ltd.
1941ଠାରୁ ଆପଣଙ୍କ ସେବାରେ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ
BPL, ଇଟାଭାଟି, କୁକୁଡ଼ାପାଳନ
ଏବଂ ସବୁ ଋଣ ମାତ୍ର 24 ଘଣ୍ଟାରେ
ଘରେ ବସି ପାଆନ୍ତୁ।
2% ସୁଧ 40% ଛାଡ଼
(ଠକମାନଙ୍କ ପ୍ରତି ସାବଧାନ)
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
8004740343

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN
ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି
ସମସ୍ତ ପ୍ରକାର LOAN
ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh

ଆଡଭାନ୍ସ ନେଉନ୍ତୁ, ଧୋକା ଦେଉନୁ
ହିନ୍ଦୁସ୍ତାନ ଫାଇନାନ୍ସ
ଆଧାରକାର୍ଡ, ଗ୍ରୁପ୍, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍‌ଚର୍,
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% ଛାଡ଼ 50%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଯୋଗାଯୋଗ କରନ୍ତୁ
08765087341
09473641974
Sasane Nagar, Pune

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବୃକ୍ଷ ବିବାହରେ ପରିବେଶ ସୁରକ୍ଷା ବାର୍ତ୍ତା

ବାଲିପାଟଣା,(ଡି.ଏନ୍.ଏ.):ବାଲିପାଟଣା ବ୍ଲକ ନୂଆପଡା ଗ୍ରାମର ବରିଷ୍ଠ ନାଗରିକମାନେ ଧନୁଆ ନଦୀ କୂଳରେ ବର-ଓସ୍ତ ଗଛର ବିବାହ କାର୍ଯ୍ୟ ସମ୍ପନ୍ନ କରି ପରିବେଶ ସୁରକ୍ଷା ବାର୍ତ୍ତା ବାଣ୍ଟିଛନ୍ତି। ହିନ୍ଦୁଧର୍ମ ଅନୁସାରେ ବିଶ୍ୱ ପରିବେଶ ଦିବସରେ ମଙ୍ଗଳକୃତ୍ୟ କରାଯାଇଥିଲା। ରବିବାର ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ବରପିତା ଭାବେ ରବୀନ୍ଦ୍ର ରାଉତରାୟ, ମାତା ଲକ୍ଷ୍ମୀପ୍ରିୟା ରାଉତରାୟ ଏବଂ କନ୍ୟା ପିତା ଭାବେ ରବୀନ୍ଦ୍ର ବେହେରା ଓ ମାତା ବିଳାସିନୀ ବେହେରା ବେଦିରେ ବସି କାର୍ଯ୍ୟ ସମ୍ପନ୍ନ କରିଥିଲେ। ପୂଜକ ସଞ୍ଜୟ ଦାସ ଓ ରବି ନନ୍ଦ ମନ୍ତ୍ରପାଠ କରିଥିଲେ।

# ମାତିଛନ୍ତି ସାଇବର ଠକ

**କଟକ ଅଫିସ, ୬।୬**

କରୋନା କାଳରେ ମାତିଛନ୍ତି ସାଇବର ଠକ । ଚାଉଳିଆଗଞ୍ଜ ପୋଲିସ ୨ଜଣ ସାଇବର ଠକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ପୁରୀ ସତ୍ୟବାଦୀ ଥାନା ଅନ୍ତର୍ଗତ ହିରଣପଡ଼ା ଅଞ୍ଚଳର ସୁପ୍ରଭାତ ମହାପାତ୍ର (୨୬) ଏବଂ ଜଗତସିଂହପୁର ବିରିଡ଼ି ଥାନା ଅଧୀନ ମଗୁଳି ଅଞ୍ଚଳର ତନ୍ମୟ କୁମାର ବେହେରା (୨୪)। ପୋଲିସ ସେମାନଙ୍କ ପାଖରୁ ନଗଦ ୧ଲକ୍ଷ ୯ ହଜାର ଟଙ୍କା, ୩ଟି ମୋବାଇଲ ଫୋନ୍, ୪ଟି ସିମ୍ ସମେତ ଗୋଟିଏ ବାଇକ୍ (ନଂ. ଓଡି ୧୩ କେ ୯୩୯୯) ଜବତ କରିଛି।

ଡିସିପି ପ୍ରତୀକ୍ ସିଂଙ୍କ ସୂଚନା ଅନୁଯାୟୀ, ନୂଆବଜାର ଅଞ୍ଚଳର ରବି ନାରାୟଣ ମହାପାତ୍ରଙ୍କ ପାଖକୁ ଗତ ୩ତାରିଖରେ ଏକ ନିର୍ଦ୍ଦିଷ୍ଟ ନମ୍ବରରୁ ଫୋନ୍ କଲ ଆସିଥିଲା। ସମ୍ପୃକ୍ତ ବ୍ୟକ୍ତି ନିଜକୁ ଏସ୍‌ବିଆଇ ବ୍ରାଞ୍ଚ ମ୍ୟାନେଜର ବୋଲି ପରିଚୟ ଦେବା ସହ ରବିଙ୍କ ନାମରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଏକ ଇନ୍‌ସ୍ୟୁରାନ୍ସ ପଲିସି ଚେକ୍ ଆସିଥିବା କହିଥିଲେ। ଏହି ଚେକ୍ କ୍ଲିୟରାନ୍ସ ପାଇଁ ୪୫ ହଜାର ଟଙ୍କା ପଠାଇବାକୁ କହିଥିଲେ। ରବି ତାଙ୍କ କଥାକୁ ବିଶ୍ୱାସ କରି ଦୁଇଟି ଆକାଉଣ୍ଟକୁ ପ୍ରଥମେ ୩୦ହଜାର ଓ ପରେ ୧୫ହଜାର ଟଙ୍କା ପଠାଇଥିଲେ। ସମ୍ପୃକ୍ତ ବ୍ୟକ୍ତି ଟଙ୍କା ପାଇବା ପରେ ଫୋନ୍ ସୁଇଚ୍ ଅଫ୍ କରିଦେଇଥିଲେ ବୋଲି ରବି ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଥିଲେ। ଏ ନେଇ ଚାଉଳିଆଗଞ୍ଜ ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପ୍ରଥମେ ଯେଉଁ ଦୁଇଟି ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହୋଇଥିଲା ତାହା ସୁପ୍ରଭାତଙ୍କର ବୋଲି ଜଣାପଡ଼ିଥିଲା। ଏହାପରେ ଶନିବାର ଅଭିଯୁକ୍ତ ସୁପ୍ରଭାତ ଓ ତାଙ୍କ ସାଥୀ ତନ୍ମୟଙ୍କୁ ପୋଲିସ ଗିରଫ କରିଥିଲା। ସେମାନଙ୍କ ବିରୋଧରେ କେସ୍ ନଂ. ୪୧୯/୨୧ ଓ ୪୨୦/୨୧ ରୁଜୁ କରାଯାଇଛି। ପୂର୍ବରୁ ସୁପ୍ରଭାତଙ୍କ ନାମରେ ବିଭିନ୍ନ ଥାନାରେ ମୋଟ ୨୪ଟି ମାମଲା ରହିଛି।

**୨ ଗିରଫ**




■ ୧ଲକ୍ଷ ୯ ହଜାର ଟଙ୍କା, ବାଇକ୍, ୩ ମୋବାଇଲ ଜବତ

## ସଂକ୍ଷେପରେ

### ଗୋରୁ ଗାଡ଼ି ଜବତ

**ଫୁଲନଖରା,୬।୬(ଡି.ଏନ୍.ଏ.):** ଭୁବନେଶ୍ୱର- କଟକ ୧୬ ନମ୍ବର ଜାତୀୟ ରାଜପଥ ବମ୍ଫକୁଦ ଛକଠାରେ ରବିବାର ସକାଳୁ ଏକ ଗୋରୁ ବୋଝେଇ କଣ୍ଟେନରକୁ ବଜରଙ୍ଗ ଦଳ କର୍ମକର୍ତ୍ତାମାନେ ଅଟକାଇ ପୋଲିସ ଜିମା ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଖୋର୍ଦ୍ଧା ବେଗୁନିଆରୁ ଏକ କଣ୍ଟେନର (ନଂ.ଓଆର ୦୧ ଏମ୍ ୪୪୮୮) ୬୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ନେଇ କୋଲକାତା ଅଭିମୁଖେ ଯାଉଥିଲା। ଏକ ବିଶେଷ ସୂତ୍ରରୁ ଖବରପାଇ ବମ୍ଫକୁଦ ଛକ ନିକଟରେ ବଜରଙ୍ଗ ଦଳର କର୍ମୀମାନେ ଜଗି ରହି ଗାଡ଼ିଟିକୁ ଅଟକାଇଥିଲେ। ପରେ ଯାଞ୍ଚ କରିବାରୁ ଦୟନୀୟ ଅବସ୍ଥାରେ ଗୋରୁ ଥିବା ଦେଖି କଟକ ସଦର ପୋଲିସକୁ ଜଣାଇଥିଲେ। ପୋଲିସ ଡ୍ରାଇଭର ସମେତ ୩ଜଣଙ୍କୁ ଅଟକ ରଖି ଗାଡ଼ିଟିକୁ ଜବତ କରିଛି। ପରେ ଗୋରୁଗୁଡ଼ିକୁ କଟକ ନୂଆବଜାରସ୍ଥିତ ଗୋଶାଳାରେ ଛାଡ଼ି ମାମଲା (ନଂ.୨୮୫/୨୧) ରୁଜୁ କରି ତଦନ୍ତ ଚଳାଇଛି।

### ଗାଁ କଲ୍ୟାଣ ସମିତି ପକ୍ଷରୁ କରୋନା ସଚେତନତା

**ନିଆଳି,୬।୬(ଡି.ଏନ୍.ଏ.):** ନିଆଳି ପଞ୍ଚାୟତର ଦିନାସିଂହ ପାଟଣା ଗ୍ରାମର ଗାଁ କଲ୍ୟାଣ ସମିତି ଅଙ୍ଗନୱାଡି ଓ ଆଶାକର୍ମୀମାନଙ୍କ ତରଫରୁ ଗ୍ରାମଗୁଡ଼ିକରେ କରୋନା ସଚେତନତା ଉଦ୍ଦେଶ୍ୟରେ ପ୍ରଚାରପତ୍ର, ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଛି। ଦିନାସିଂହ ପାଟଣା, ବାରବୋଡିଆ ଓ ହରିସପୁର ଗ୍ରାମରେ ପ୍ରତ୍ୟେକ ଘରକୁ ଯାଇ ସେମାନଙ୍କୁ କରୋନା ସମ୍ପର୍କରେ ବୁଝାଇ ଉକ୍ତ ସାମଗ୍ରୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସରପଞ୍ଚ ପ୍ରଶାନ୍ତ କୁମାର ସିଂହ, ଆଶା ସାଥୀ ସୁମିତ୍ରା ଦାସ, ଏଏନ୍‌ଏମ୍ ରଜନୀରାଣୀ ମହାପାତ୍ର, ଆବାହିକା ଗାଁ କଲ୍ୟାଣ ସମିତି ରଞ୍ଜିତା ସିଂହ, ସଭାପତି ଉମେଶ କୁମାର ସିଂହଙ୍କ ସହ ଗାଁ କଲ୍ୟାଣ ସମିତି ଓ ବିଶ୍ୱାସ କାର୍ଯ୍ୟକ୍ରମର ସମସ୍ତ ସଭ୍ୟାସଭ୍ୟ ଯୋଗଦେଇଥିଲେ।

### ଗ୍ରାମ ସାନିଟାଇଜ୍ କଲେ ସ୍ୱେଚ୍ଛାସେବୀ ଅନୁଷ୍ଠାନ

**ଚୌଦ୍ୱାର,୬।୬(ଡି.ଏନ୍.ଏ.):** କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକର ମଙ୍ଗୁଳି ଗ୍ରାମରେ କୋଭିଡ୍‌ରେ ଆକ୍ରାନ୍ତ ହୋଇଥିବା ସମସ୍ତ ବ୍ୟକ୍ତିଙ୍କ ଗୃହ, ମନ୍ଦିର, କ୍ଲବ, ରାସ୍ତା ଆଦିକୁ ସାନିଟାଇଜ କରିଛନ୍ତି ଚୌଦ୍ୱାରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ସୋସିଆଲ ଡେଭଲପ୍‌ମେଣ୍ଟର କର୍ମକର୍ତ୍ତାମାନେ। ଅନୁଷ୍ଠାନର ସମ୍ପାଦକ ଅଶ୍ୱିନୀ କୁମାର ଜେନାଙ୍କ ନେତୃତ୍ୱରେ ସଭାପତି ଭାସ୍କର ଚନ୍ଦ୍ର ରାଉତରାୟ, ସଦସ୍ୟ ଶ୍ରୀକାନ୍ତ ପାକଳ, ରାଜକିଶୋର ସାମନ୍ତ, ସୁଜିତ ଦାସ, ଅମୂଲ୍ୟ ରାଉତରାୟ, କାହ୍ନୁଚରଣ ଜେନା, ସଞ୍ଜିତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ମଙ୍ଗୁଳି ଗ୍ରାମର କପିଳେଶ୍ୱର କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ ।

### ଜ୍ୱରରେ ଆକ୍ରାନ୍ତ ମହିଳା ମୃତ

**ସାଲେପୁର, ୬।୬(ଡି.ଏନ୍.ଏ.):** ସାଲେପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ଗ୍ରାମରେ ଜ୍ୱରରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା ଜଣେ ମହିଳାଙ୍କ ଶନିବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ନିରଞ୍ଜନ ମଲ୍ଲିକଙ୍କ ସ୍ତ୍ରୀ ଶୁଭଶ୍ରୀ ମଲ୍ଲିକ(୪୫)। ସେ କଟକର ଏକ ଘରୋଇ ନର୍ସିଂହୋମରେ ଚିକିତ୍ସାଧୀନ ଥିଲେ। କଟକ ସତୀଚଉରାଠାରେ କରୋନା କଟକଣା ମଧ୍ୟରେ ଶୁଭଶ୍ରୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ଜଣେ ଧର୍ମପରାୟଣା, ମିଷ୍ଟଭାଷୀ, ପରୋପକାରୀ ମହିଳା ଥିଲେ। ତାଙ୍କର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଆଦିବାସୀ ଅଞ୍ଚଳରେ ଟିକା ପଞ୍ଜୀକରଣ

**ତିଗିରିଆ/ଆଠଗଡ଼,୬।୬(ଡି. ଏନ୍.ଏ /ସ୍ୱ.ପ୍ର.) :** ଆଠଗଡ଼ ଓ ତିଗିରିଆ ଏବଂ ଆଠଗଡ଼ ବ୍ଲକର ଆଦିବାସୀ ଅଞ୍ଚଳରେ ଟିକା ପଞ୍ଜୀକରଣ ଆରମ୍ଭ ହୋଇଯାଇଛି। ତିଗିରିଆ ବ୍ଲକ ଭୀରୁଡ଼ାଜିପିସ୍ଥିତି ଗଡ଼ପଲ୍ଲୀ ଶବରସାହିରେ ଏନେଇ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସଚେତନ କରାଯିବା ସହ ଟିକା ପାଇଁ ପଞ୍ଜୀକରଣ କରାଯାଇଛି। ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶରେ ଯୁବ ନେତା ଆଦିତ୍ୟ ପ୍ରତାପ ସ୍ୱାଇଁ ଏହି ପଞ୍ଜୀକରଣ କାର୍ଯ୍ୟକୁ ଶୁଭାରମ୍ଭ କରିଛନ୍ତି। ସେହିପରି ଆଠଗଡ଼ ବ୍ଲକ ସଠିଲୋ ଏବଂ ଖୁଣ୍ଟକଟା ପଞ୍ଚାୟତରେ ଟିକାକରଣ ପାଇଁ ପଞ୍ଜୀକରଣ କରାଯାଇଛି। ଆଠଗଡ଼ ଛାତ୍ର ଜନତା ଦଳ ସଭାପତି ସତ୍ୟପ୍ରିୟ ମହାନ୍ତି ନେତୃତ୍ୱ ନେଇଥିଲେ।

# ଭିଜା, ପାସପୋର୍ଟ କରିଦେବାକୁ କହି ୩.୪ ଲକ୍ଷ ଠକେଇ

**ଭୁବନେଶ୍ୱର,୬।୬(ବ୍ୟୁରୋ)**

ଜଣେ ନୃତ୍ୟ ଗୁରୁ ବିଦେଶରେ ଡ୍ୟାନ୍ସ କନସର୍ଟ କରିବାକୁ ଯାଇ ଠକେଇର ଶିକାର ହୋଇଛନ୍ତି। ସିଙ୍ଗାପୁର ଓ ଦୁବାଇରେ ଡ୍ୟାନ୍ସ କନସର୍ଟ କରିବା ପାଇଁ ତାଙ୍କ ଛାତ୍ରୀଛାତ୍ର ଓ କେତେଜଣ ଅଭିଭାବକଙ୍କ ପାସପୋର୍ଟ ଏବଂ ଭିଜା କରିବାକୁ ଯାଇ ୩ ଲକ୍ଷ ୪୦ ହଜାର ଟଙ୍କା ଠକେଇର ଶିକାର ହୋଇଛନ୍ତି। ଏ ନେଇ ବମିଖାଲରେ ରହୁଥିବା ନୃତ୍ୟ ଗୁରୁ ଅମିତ କୁମାର ପାତ୍ର ରବିବାର ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଅମିତ କଟକ ରୋଡ୍‌ରେ କେତେଜଣ ପିଲାଙ୍କୁ ନୃତ୍ୟ ଶିଖାନ୍ତି। ଏପ୍ରିଲ ୧ ଓ ୩ରେ ଉତ୍କଳ ଦିବସ ଉପଲକ୍ଷେ ଦୁବାଇ ଓ ସିଙ୍ଗାପୁରରେ ଡ୍ୟାନ୍ସ କନସର୍ଟ କରିବା ପାଇଁ ତାଙ୍କୁ ଅଫର ଆସିଥିଲା। ଏଥିପାଇଁ ପ୍ରାୟ ୨୧ଜଣ ପିଲା ଓ ତାଙ୍କ ଅଭିଭାବକଙ୍କ ଯିବା ପାଇଁ ସୁଯୋଗ ରହିଥିଲା। ତେବେ ଜଣେ ବ୍ୟକ୍ତି ସେଠାରେ ପାସପୋର୍ଟ, ଭିଜା, ଯିବା ଆସିବା ଖର୍ଚ୍ଚ ଓ ଫ୍ଲାଇଟ ଖର୍ଚ୍ଚ ସମସ୍ତ ପ୍ରକାରର ସୁବିଧା କରାଇ ଦେବାକୁ ଅମିତଙ୍କୁ କହିଥିଲେ। ଏ ବାବଦରେ ସେ ବ୍ୟକ୍ତିଙ୍କୁ ୩ ଲକ୍ଷ ୪୦ ହଜାର ଟଙ୍କା ଦେଇଥିଲେ। ହେଲେ କରୋନା କାରଣରୁ କନସର୍ଟ ବନ୍ଦ ହୋଇଯିବାରୁ ସେମାନେ ସେଠାକୁ ଯାଇ ନ ଥିଲେ। ତେଣୁ ଉକ୍ତ ବ୍ୟକ୍ତିଙ୍କୁ ଅମିତ ସମସ୍ତ ଟଙ୍କା ଫେରାଇ ଦେବାକୁ କହିବାରୁ ସେ ଫେରାଇ ନ ଥିଲେ। ଏପରିକି ବ୍ୟକ୍ତି ଜଣକ ଯେଉଁଠି ରହୁଥିଲେ ଅମିତ ସେଠାକୁ ଯାଇଥିଲେ ହେଁ ଫେରାର ହୋଇଯାଇଥିଲେ। ଶେଷରେ ଅମିତ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ସଙ୍ଗଠନ ସୁଦୃଢ଼ ଉପରେ ଗୁରୁତ୍ୱ

**କଟକ ଅଫିସ, ୬।୬**

ଆମ ପରିବାର କଟକ ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ ଭିଡିଓ କନଫରେନ୍ସ ମାଧ୍ୟମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଅଧ୍ୟକ୍ଷତା କରି ସଙ୍ଗଠନକୁ ସୁଦୃଢ କରିବାକୁ କହିଥିଲେ। ଏଥିସହ ଜିଲାର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଓ ତାହାର ସମାଧାନ ଉପରେ ସେ ଆଲୋଚନା କରିଥିଲେ। କଟକ ଜିଲାରେ ୫ଟି ହ୍ୱାଟ୍‌ସଆପ ଗ୍ରୁପ କରାଯାଇଛି। ଏଥିରେ ବରିଷ୍ଠ ଭାଜପା ନେତା ନୟନ ମହାନ୍ତି, ନଗର ଭାଜପା ସଭାପତି ଲଲାଟେନ୍ଦୁ ବଡୁ ପ୍ରମୁଖ ସଭ୍ୟ ଅଛନ୍ତି। ଏହି ବୈଠକରେ ଆମ ପରିବାର ଓଡ଼ିଶାର ଆବାହକ ମନ୍ମଥ ମଲ୍ଲିକ, ନିକୁଞ୍ଜ ପଟ୍ଟନାୟକ, ଜୀବନ ସାହୁ, ରାଜ୍ୟ ସଂଯୋଜକ ନିଶିକାନ୍ତ ନାୟକ, ସିମନ୍ତିନି ଜେନା, ଦେବାଶିଷ ନାୟକ, ଅଶୋକ ପଟ୍ଟନାୟକ, ମୌସୁମୀ ମହାପାତ୍ର, ଅଜୟ ସ୍ୱାଇଁ, ଚିତ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ରବି ମିଶ୍ର ଧନ୍ୟବାଦ ଦେଇଥିଲେ। ଏହା ପୂର୍ବରୁ ରାୟଗଡା, କୋରାପୁଟ, ଗଞ୍ଜାମ, ଯାଜପୁର, ପୁରୀ, ମୟୂରଭଞ୍ଜ ସମେତ ୬ଟି ଜିଲାରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି।

# ୧୦ ମାସରେ ୧ ଲକ୍ଷ ୟୁନିଟ୍ ରକ୍ତ ସଂଗ୍ରହ

**ଭୁବନେଶ୍ୱର,୬।୬(ବ୍ୟୁରୋ)**

କୋଭିଡ୍ ସମୟରେ ରକ୍ତଦାନ କ୍ଷେତ୍ରରେ ଓଡ଼ିଶା ମୋ ପରିବାର-ଜୀବନବିନ୍ଦୁକୁ ଉଲ୍ଲେଖନୀୟ ସଫଳତା ମିଳିଛି। ୧୦ ମାସରେ ୧ ଲକ୍ଷରୁ ଅଧିକ ୟୁନିଟ୍ ରକ୍ତ ସଂଗ୍ରହ କରି ଓଡ଼ିଶା ମୋ ପରିବାର ମାଇଲଖୁଣ୍ଟ ସ୍ଥାପନ କରିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଅଭିନନ୍ଦନ ଜଣାଇବା ସହ ଏହି ମହତ କାର୍ଯ୍ୟକୁ ସଫଳ କରିବା ଦିଗରେ ସମସ୍ତ ରକ୍ତଦାତା, ବ୍ଲଡ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ଓଡ଼ିଶା-ମୋ ପରିବାର ରାଜ୍ୟ କାର୍ଯ୍ୟାଳୟରେ ଏକ କୃତଜ୍ଞତା ଜ୍ଞାପନ ବୈଠକ ଅନୁଷ୍ଠିତ ହୋଇଥିଲା। ଭର୍ଚୁଆଲ ମିଟିଂ ଜରିଆରେ ସମ୍ପୃକ୍ତ ସମସ୍ତ ରକ୍ତଦାତା, ସଂଯୋଜକ, ବିଧାୟକ, ଏମ୍‌ପି, ବିଜୁ ଯୁବ, ଛାତ୍ର ଓ ମହିଳା ଜନତା ଦଳକୁ ଧନ୍ୟବାଦ ଦିଆଯାଇଛି। ଏହି ଅବସରରେ ନିୟମିତ ରକ୍ତଦାନ କରିଥିବା ୫ଜଣ ଯୁବକଙ୍କୁ ଓଡ଼ିଶା-ମୋ ପରିବାର ତରଫରୁ ପ୍ରତିକାତ୍ମକ ଭାବେ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ସେମାନେ ହେଲେ ରଞ୍ଜିତ ଦାସ, ଅନିଲ ମହାନ୍ତି, ସଚିନ ଦାସ, ରାଜେଶ ପାଣି, ସୁମିତ ରାଣା। ବୈଠକରେ ଓଡ଼ିଶା ମୋ ପରିବାର ଆବାହକ ଅରୁପ ପଟ୍ଟନାୟକଙ୍କ ସମେତ ବିଜେଡି ଉପ ସଭାପତି ଦେବୀ ପ୍ରସାଦ ମିଶ୍ର, ବିଧାୟକ ଅତନୁ ସବ୍ୟସାଚୀ ନାୟକ, ରାଜ୍ୟସଭା ସଦସ୍ୟ ସୁଜିତ କୁମାର, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ବ୍ୟୋମକେଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭର୍ଚୁଆଲ ଜରିଆରେ ଏମ୍‌ପି ତଥା ସହ-ଆବାହକ ଚନ୍ଦ୍ରଶେଖର ସାହୁ, ରାଜ୍ୟସଭା ସଦସ୍ୟ ସସ୍ମିତ୍ ପାତ୍ର, ନଳିନୀକାନ୍ତ ପ୍ରଧାନ, ଗୌରହରି ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଡ. ଗୋପବନ୍ଧୁ ଦାଶ ମୁଖ୍ୟମନ୍ତ୍ରୀଙ୍କ ସେବା ମନୋବୃତ୍ତିର ଆଭିମୁଖ୍ୟ ଉଲ୍ଲେଖ କରିଥିଲେ।


ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାପତ୍ର ପ୍ରଦାନ ଅବସରରେ ଉପସ୍ଥିତ ନେତୃବୃନ୍ଦ।

# ଅଟୋ ସହ ଚୋରି ସାମଗ୍ରୀ ଜବତ, ୩ ଗିରଫ

**ବାଲକାଟୀ,୬।୬(ଡି.ଏନ.ଏ)**

ବାଲକାଟୀ ଫାଣ୍ଡି ପୋଲିସ ଏକ ଚୋରି ଅଭିଯୋଗରେ ରବିବାର ୩ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିଅନ୍ତା ଥାନା ହୀରାପୁର ଓଉପଡା ଗ୍ରାମର ସୁକାନ୍ତ ସାମଲ, ହୀରାପୁରର ସଚିନ ମହାନ୍ତି ଓ ତଳସାହିର ଆନ୍ନା ଓରଫ ସୁନୀଲ ଦାସ। ଏଥିସହ ଚୋରି ଯାଇଥିବା ସାମଗ୍ରୀ ସହ ଏକ ଅଟୋ ଜବତ କରିଛି। ଏ ନେଇ ପୋଲିସ ନଂ ୧୬୫/୨୧ ମାମଲା ରୁଜୁ କରିଛି। ପଟିଆ ଅଞ୍ଚଳର ଆଲୋକ ଜେନା ସ୍ଥାନୀୟ ଗଡକଣ୍ଟୁଣିଆ ଗ୍ରାମରେ ଜମିନେଇ ଡୁପ୍ଲେକ୍ସ ପ୍ରୋଜେକ୍ଟ କରୁଛନ୍ତି । ଶନିବାର ରାତି ୮ଟାରେ ୪ଜଣ ଯୁବକ ଏକ ଡାଲା ଅଟୋ ଯୋଗେ ଆସି ଏହି ପ୍ରୋଜେକ୍ଟରେ ପଶି ଆଉଟ ହାଉସରୁ ଲୁହା ଗ୍ରୀଲ, ମୋଟର, କୋଦାଳ ଚୋରି କରିନେଉଥିବା ବେଳେ ଧରାପଡିଯାଇ ଥିଲେ। ପୋଲିସ ଆସିବାବେଳେ ଜଣେ ଫେରାର ହୋଇଯାଇଥିଲା। ପରେ ଆଉ ଜଣଙ୍କୁ ଧରିଥିଲେ।

# ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତାର ପ୍ରତୀକ ଥିଲେ ବସନ୍ତ

**ଭୁବନେଶ୍ୱର,୬।୬(ବ୍ୟୁରୋ)**

ଓଡ଼ିଶାର ବିଶିଷ୍ଟ ସ୍ତମ୍ଭକାର, ସାହିତ୍ୟିକ ସ୍ୱର୍ଗତ ବସନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ମିଡିଆ ଏକାଡେମୀ ପକ୍ଷରୁ ଆୟୋଜିତ ସଭାରେ ମୁଖ୍ୟ ସଂଯୋଜକ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରି କହିଲେ, ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତାର ସ୍ୱର୍ଗତ ଦାସ ପ୍ରତୀକ ଥିଲେ। ମିଡିଆ ଏକାଡେମୀର କର୍ମକର୍ତ୍ତା ଡ. ବଦ୍ରୀନାଥ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ପରେ ଶ୍ରୀମଦ୍ ବାବା ବଳିଆ ଓ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ବାର୍ତ୍ତା ପାଠ କରାଯାଇଥିଲା। ଭାଜପାର ରାଜ୍ୟ ସଭାପତି ସମୀର ମହାନ୍ତି, ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଓ ପ୍ରଫେସର ହରେକୃଷ୍ଣ ଶତପଥୀ ଉପସ୍ଥିତ ଥିଲେ। ବସନ୍ତଙ୍କ ୧୭ ଖଣ୍ଡ ପୁସ୍ତକ ଆଗାମୀ ଦିନରେ ଛାତ୍ର ଓ ଗବେଷକମାନଙ୍କ ପାଇଁ ଉପାଦେୟ ହେବ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷିକେଶ ମଲ୍ଲିକ କହିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ଅମର ପ୍ରସାଦ ଶତପଥୀ, ଜନାର୍ଦ୍ଦନ ପତି, ଖବରଦାତା ପ୍ରଦୋଷ ପଟ୍ଟନାୟକ, ସାହିତ୍ୟିକ ଡଃ ବିଜୟାନନ୍ଦ ସିଂହ, ସ୍ୱର୍ଗତ ବସନ୍ତଙ୍କ ପୁତ୍ର ଚନ୍ଦନ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ପୋଲିସ ଯାଞ୍ଚରେ ବ୍ୟସ୍ତ, ଚୋରଙ୍କ ଦୋକାନ ଟାର୍ଗେଟ

**ଭୁବନେଶ୍ୱର,୬।୬(ବ୍ୟୁରୋ)**

କରୋନା ପାଇଁ ଏବେ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଜାରି ରହିଛି। ଏପରିସ୍ଥିତିରେ ଭୁବନେଶ୍ୱରରେ ସଂକ୍ରମଣ ନିୟନ୍ତ୍ରଣ ପାଇଁ ପୋଲିସ ଲାଗିପଡିଛି। ବିଭିନ୍ନ ଛକ ଓ ହାଟବଜାରରେ ଯାଞ୍ଚରେ ବ୍ୟସ୍ତ ରହୁଥିବାବେଳେ ଏହା ଚୋରଙ୍କ ପାଇଁ ସୁଯୋଗ ପାଲଟିଛି। ପୋଲିସ ଅମାନିଆଙ୍କୁ ଜଗିଥିବାବେଳେ ଏପଟେ ଚୋରାମାନେ ଦୋକାନରୁ ଚୋରି କରିବାରେ ଲାଗିପଡିଛନ୍ତି। ଦିନରେ ଟାର୍ଗେଟ, ରାତିରେ ଲୁଟ୍‌ପାଟ କରି ବ୍ୟବସାୟୀଙ୍କ ନିଦ ହଜାଉଛନ୍ତି। ଦୋକାନ ବନ୍ଦ ଯୋଗୁ ବ୍ୟବସାୟୀମାନେ ନାନା ଦୁର୍ଦ୍ଦଶାରେ ରହିଥିବାବେଳେ ରାତି ହେଲେ ଚିନ୍ତା ଘାରୁଛି। ସକାଳେ ହେବାମାତ୍ରେ ଦୋକାନକୁ ଯାଇ ଦେଖି ଆସୁଛନ୍ତି। ସହରରେ ପିସିଆର୍ ପୋଲିସର ନିଷ୍କ୍ରିୟତା ଯୋଗୁ ଏକାଧିକ ଚୋରି ଗ୍ୟାଙ୍ଗ୍ ସକ୍ରିୟ ହୋଇଉଠିଥିବା ଜଣାପଡିଛି। ଚୋରମାନେ ମୁଖ୍ୟତଃ ତେଜରାତି, ପାନ ଦୋକାନ ଓ ଓମଫେଡ୍ ଷ୍ଟଲକୁ ଟାର୍ଗେଟ କରୁଛନ୍ତି। ପ୍ରତିଦିନ ସକାଳ ହେବାମାତ୍ରେ ଏଭଳି ଚୋରି ଖବର ବିଭିନ୍ନ ଅଞ୍ଚଳରୁ ଆସୁଛି। ଏଥିପାଇଁ ବ୍ୟବସାୟୀମାନେ କମିଶନରେଟ ପୋଲିସକୁ ଦାୟୀ କରୁଛନ୍ତି।

ଶୁକ୍ରବାର ବିଳମ୍ବିତ ରାତିରେ ବିଜେବି ନଗର ଅଞ୍ଚଳର ଏକ ତେଜରାତି ଦୋକାନ ତାଡି ଦୁର୍ବୃତ୍ତମାନେ ନଗଦ ଟଙ୍କା ସମେତ ସାବୁନ, ଡିଓ, ତେଲ, ସାମ୍ପୁ ଆଦି ୪୦ ହଜାର ଟଙ୍କାର ସାମଗ୍ରୀ ଚୋରି କରିନେଇଛନ୍ତି। ଏନେଇ ଦୋକାନୀ ପ୍ରଦୋଷ ମହାପାତ୍ର ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଛନ୍ତି। ଗତ ମେ’ ମାସରେ ମଧ୍ୟ ଚୋରମାନେ ତାଙ୍କ ଦୋକାନକୁ ୩ଥର ତାଡିଥିବା ପ୍ରଦୋଷ କହିଛନ୍ତି। ସେହିପରି ଉକ୍ତ ଦିନ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନିଳାଦ୍ରୀ ବିହାର ସେକ୍ଟର-୨ ହନୁମାନ ମନ୍ଦିର ନିକଟ କୁନା ଦାସଙ୍କ ଓମ୍‌ଫେଡ ଷ୍ଟଲ ଓ ଗୁରୁବାର ସେକ୍ଟର-୧ରେ ତପନ ମହାପାତ୍ରଙ୍କ ଦୋକାନ ତାଲା କାଟି ଚୋରି ହୋଇଛି। ଶନିବାର ବିଳମ୍ବିତ ରାତିରେ ଶହୀଦନଗରର ଏକ ତେଜରାତି ଦୋକାନ ତାଡି ଲକ୍ଷାଧିକ ଟଙ୍କାର ଚୋରି ହୋଇଥିଲା।


ଅନ୍ୟମାନଙ୍କୁ ଖୋଜାଚାଲିଛି।

ଅନ୍ୟପକ୍ଷରେ ଦୁର୍ବୃତ୍ତମାନେ ଘର ଓ ମନ୍ଦିରକୁ ମଧ୍ୟ ଛାଡିନାହାନ୍ତି। ଗୁରୁବାର ରାତିରେ ପଥରବନ୍ଧ ବସ୍ତିରେ ରହୁଥିବା ସୁନିଲ ହେମ୍ବ୍ରମଙ୍କ ଘରୁ ଓ ଶୁକ୍ରବାର ରାତିରେ ପଥର ବନ୍ଧ ବସ୍ତିରେ ରହୁଥିବା ଜୟଲ ସିଂଙ୍କ ଘରୁ ମୋବଇଲ ଫୋନ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଗତ ମାସ ୧୯ ତାରିଖ ରାତିରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜଳେଶ୍ୱର ମନ୍ଦିରର ଗର୍ଭଗୃହ କବାଟ ତାଡି ୨ ହଳ ସୁନା ମୁକୁଟ, ୫ ହଳ ରୂପା ମୁକୁଟ, ୫ହଳ ଘଣ୍ଟି, ହୁଣ୍ଡି ତାଡି ଲକ୍ଷାଧିକ ଟଙ୍କା ଚୋରି କରିନେଇଥିଲେ। ଏନେଇ ମଞ୍ଚେଶ୍ୱର ଥାନା ପୋଲିସ ଓ ସାଇଣ୍ଟିଫିକ ଟିମ ତଦନ୍ତ କରିଥିଲା।

ଏ ସମ୍ପର୍କରେ ଡିସିପି ଉମାଶଙ୍କର ଦାଶ କହିଛନ୍ତି, କରୋନାର ତାଲାବନ୍ଦ ସମୟରେ ପୂର୍ବାପେକ୍ଷା ଚୋରି ବଢିନାହିଁ। ବିଭିନ୍ନ ଚୋରି ଘଟଣାର ତଦନ୍ତ ଚାଲିଛି। କିଛି ଚୋରଙ୍କୁ ଧରାଯାଇଥିବାବେଳେ ଅନ୍ୟମାନଙ୍କୁ ଖୋଜାଚାଲିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ପୂର୍ଣ୍ଣିମା


@ ଇଜାଜ୍


@ ଶିବଦତ୍ତ


@ ଶିବଶଙ୍କର


@ ନନ୍ଦିନୀ


@ ବିଶ୍ୱଜିତ୍


@ ଲକ୍ଷ୍ମୀଧର

# ୪ ଥାନା ଅଞ୍ଚଳରୁ ଚୋରି ଅଭିଯୋଗ, ୧୦ ଗିରଫ

**ଭୁବନେଶ୍ୱର,୬।୬(ବ୍ୟୁରୋ)**

କମିଶନରେଟ ପୋଲିସର ୪ ଥାନା ଅଞ୍ଚଳରୁ ଚୋରି ଅଭିଯୋଗରେ ୧୦ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ରବିବାର କୋର୍ଟ ଚାଲାଣ କରାଯାଇଛି। ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତ ହେଲେ ଏହି ଥାନା ଧିରୁକୁଟି ବସ୍ତିର ଶିବ ବେହେରା, ନୟାଗଡ ସଦର ଥାନାର ଦିଲୀପ ନାୟକ ଓ ନୟାଗଡ ଭୋତପଡାର ଜନାର୍ଦ୍ଦନ ନାୟକ। ଏମାନଙ୍କଠାରୁ ୩ଟି ମୋବାଇଲ ଫୋନ ଜବତ ହୋଇଛି। ଶହୀଦନଗର ଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତ ହେଲେ ଗଜପତି ଜିଲା ଅଡବା ଥାନାର ଜଗନ୍ନାଥ ପତି, କଟକ ଜିଲା କେନପୁର ଥାନାର ନଟବର ନାୟକ ଓ କଟକ ବଡମ୍ବା ଥାନାର ପବନା ନାୟକ । ଏମାନଙ୍କଠାରୁ ଗୋଟିଏ ଟେବୁଲ ଫ୍ୟାନ, ଗୋଟିଏ ଗ୍ରାଇଣ୍ଡର ଓ ଗୋଟିଏ ଗ୍ୟାସ ସିଲିଣ୍ଡର ଜବତ ହୋଇଛି। ଖଣ୍ଡଗିରି ଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତ ହେଲେ ଏହି ଥାନା ଭୋଳ ସାହିର କିଶୋର ସାମଲ ଓ ଧୀରେନ ଭଞ୍ଜ। ଏମାନଙ୍କଠାରୁ ଗୋଟିଏ ବାଇକ୍, ଗୋଟିଏ ମୋବାଇଲ ଓ ୧୦୦୦ ଟଙ୍କା ଜବତ ହୋଇଛି । ଖାରବେଳ ଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତ ହେଲେ ୟୁନିଟ-୩ ମସଜିଦ୍ କଲୋନିର ଏସ୍‌କେ ଆଲାମିନ୍ ଖାନ ଓ ଶାନ୍ତିନଗର ବସ୍ତିର ଏସ୍‌କେ ଅଜିଜୁଲ୍ ରେହେମାନ୍ । ଏମାନଙ୍କ ଠାରୁ ଦୁଇଟି ଚୋରି ମୋବାଇଲ ଜବତ ହୋଇଛି ।

**୨ ବଖରା ଜଳିଗଲା**

ନିମାପଡ଼ା,(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ନିଆଁଗୋରଡ଼ା ଗ୍ରାମରେ ରବିବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ସୁମିତ୍ରା ଜେନା ଓ ପ୍ରତିଭା ଜେନାଙ୍କ ୨ ବଖରା ଜଳିଯାଇଛି। ଏଥିସହ ସେମାନଙ୍କର ପ୍ରାୟ ୪୦ହଜାର ଟଙ୍କାର ବିଭିନ୍ନ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଖବରପାଇ ନିମାପଡ଼ା ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘର ଉପରେ ଯାଇଥିବା ବିଦ୍ୟୁତ୍ ତାରରୁ ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ସେବା ସଂସ୍ଥା ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ କହିଛନ୍ତି। କ୍ଷତିଗ୍ରସ୍ତ ପରିବାରବର୍ଗଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।





**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୦୬।୦୬।୨୦୨୧

୩୯୫୪ ଟଙ୍କା

## ସଂକ୍ଷେପରେ

### କରୋନା ଆକ୍ରାନ୍ତ ଖବରଦାତାଙ୍କ ମୃତ୍ୟୁ

ନିମାପଡ଼ା,୬।୬(ଡି.ଏନ୍.ଏ.): ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକ ଅଞ୍ଚଳର ଖବରଦାତା ସନ୍ତୋଷ କୁମାର ଦାଶ(୨୮)ଙ୍କର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଗତ କିଛିଦିନ ଧରି ସେ କରୋନାରେ ଆକ୍ରାନ୍ତ ହୋଇ ପୁରୀ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମାତ୍ର ଅବସ୍ଥା ଗୁରୁତର ହେବାରୁ ଗତ ୪ ତାରିଖରେ ସନ୍ତୋଷଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ମୃତ୍ୟୁ ଖବର ଶୁଣି ନିମାପଡ଼ା ଓ ଚାରିଛକ ଅଞ୍ଚଳରେ ଥିବା ଖବରଦାତାଙ୍କ ମଧ୍ୟରେ ଶୋକରଛାୟା ଖେଳିଯାଇଛି। ଯୁବାବସ୍ଥାରେ ସନ୍ତୋଷକୁ ହରାଇ ତାଙ୍କ ପରିବାର ଲୋକେ ମ୍ରିୟମାଣ ହୋଇପଡ଼ିଛନ୍ତି। ଏହି ଅବସରରେ ନିମାପଡ଼ା ପ୍ରେସ୍ କ୍ଲବ ପକ୍ଷରୁ ଏକ ଶୋକସଭା ଡାକବଙ୍ଗଳାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାର ସମସ୍ତ କର୍ମକର୍ତ୍ତା ଯୋଗଦେଇ ସ୍ୱର୍ଗତ ସନ୍ତୋଷଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ତାଙ୍କ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ସରକାରଙ୍କ ପକ୍ଷରୁ ତୁରନ୍ତ ଯୋଗାଇ ଦେବାକୁ ନିମାପଡ଼ା ଓ ଚାରିଛକ ଅଞ୍ଚଳର ସମସ୍ତ ଖବରଦାତା ରାଜ୍ୟ ସରକାରଙ୍କଠାରେ ଦାବି କରିଛନ୍ତି।

### ବିଷ ପିଇ ବୃଦ୍ଧଙ୍କ ଆତ୍ମହତ୍ୟା

ସାକ୍ଷୀଗୋପାଳ,୬।୬(ସ୍ୱ.ପ୍ର.): ସତ୍ୟବାଦୀ ଥାନା ଅନ୍ତର୍ଗତ ସୁଆଁଲୋ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ବିଷ ପିଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋବିନ୍ଦ ସ୍ୱାଇଁ(୬୫)। ଏ ନେଇ ଗୋବିନ୍ଦଙ୍କ ପୁଅ ଗଣେଶ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ମାମଲା(ନଂ.୮/୨୧) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଶନିବାର ରାତିରେ ଗୋବିନ୍ଦ ଦୀର୍ଘ ସମୟ ପର୍ଯ୍ୟନ୍ତ ଏକ ଘରେ ରହିଥିଲେ। ପରିବାର ଲୋକ ସନ୍ଦେହରେ ସେ ଘରକୁ ଯିବାବେଳେ ଗୋବିନ୍ଦ ତଳେ ପଡ଼ିଥିବାବେଳେ ପାଖରେ ବିଷ ବୋତଲ ପଡ଼ିଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା।

### ଅବକାରୀ ଚଢ଼ାଉ: ୪ ଗିରଫ

ପୁରୀ ଅଫିସ, ୬।୬: ପୁରୀ ଜିଲା ଅବକାରୀ ବିଭାଗ ପକ୍ଷରୁ ରବିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବ୍ରହ୍ମଗିରି କାଶୀଝରାର ମମତା ପଲେଇ ଓ ବିଜୟଲକ୍ଷ୍ମୀ ପଲେଇ, ଚନ୍ଦନପୁର ଥାନା ଅଧୀନ କାଳିକା ନୂଆପଡ଼ାର ଶତ୍ରୁଘ୍ନ ପ୍ରଧାନ ଓ କନ୍ହେଇ ବିଦ୍ୟାଧରପୁରର ବ୍ରଜ ମଲ୍ଲିକ। ମମତାଙ୍କଠାରୁ୧୫୦ ଲିଟର ଓ ବିଜୟଲକ୍ଷ୍ମୀଙ୍କଠାରୁ ୫୦୦ ଲିଟର ଦେଶୀମଦ ଜବତ କରାଯାଇଛି। ସେହିପରି ପୁରୀ ଅବକାରୀ ଥାନା ଓଆଇସି ପ୍ରକାଶ ସାହୁଙ୍କ ନେତୃତ୍ୱରେ ସତ୍ୟବାଦୀ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ବ୍ରଜଙ୍କଠାରୁ ୪.୨୦୦ ଲିଟର ଓ ଶତ୍ରୁଘ୍ନଙ୍କଠାରୁ ୪.୮୦୦ ଲିଟର ମଦ ଜବତ ହୋଇଛି।

### ପୋଲିସ ପକ୍ଷରୁ କୋଭିଡ୍ ସଚେତନତା

ଡେଲାଙ୍ଗ,୬।୬(ଡି.ଏନ୍.ଏ.)- ପୁରୀ ଏସ୍‌ପି କେ. ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ଡେଲାଙ୍ଗ ପୋଲିସ ପକ୍ଷରୁ ବିଭିନ୍ନ ପଞ୍ଚାୟତ ସହିତ ଡେଲାଙ୍ଗ ବଜାରରେ କୋଭିଡ୍ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ଡେଲାଙ୍ଗ ଥାନା ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ଏକ ଟିମ୍ ସହ ରେଞ୍ଚ, ଗୁଆଳିପଡା, ବେରବୋଇ, ଗଡମୋଟରୀ ପଞ୍ଚାୟତର ବିଭିନ୍ନ ଗ୍ରାମ ସହ ଡେଲାଙ୍ଗ ବଜାରରେ ସଚେତନ କରାଇଥିଲେ। ସରପଞ୍ଚ, ସମିତିସଭ୍ୟା ସଭ୍ୟ ଓ ୱାର୍ଡସଭ୍ୟଙ୍କୁ ସଚେତନ କରିବା ସହିତ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ମହିଳା, ଛାତ୍ରୀଛାତ୍ର ଓ ବୟସ୍କମାନଙ୍କୁ କୋଭିଡ୍ ସଂକ୍ରମଣଠାରୁ ଦୂରେଇ ରହିବା ପାଇଁ କହିଥିଲେ। ଏଥିସହ ଡେଲାଙ୍ଗ ବଜାରରେ ପରିବା ଓ ରାଶନ ଦୋକାନୀଙ୍କୁ କୋଭିଡ କଟକଣା ମାନିବାକୁ ପରାମର୍ଶ ଦେଇଥିଲେ। ଡବଲ ମାସ୍କ ପିନ୍ଧିବା, ଆବଶ୍ୟକଥିଲେ ଘରୁ ବାହାରିବା, ଲକ୍‌ଡାଉନ ଓ ଶଟ୍‌ଡାଉନକୁ ପାଳନ କରିବା, ପ୍ରବାସୀମାନେ ୧୪ ଦିନ ସଙ୍ଗରୋଧରେ ରଖିବା, ଲକ୍ଷଣ ଥିଲେ କୋଭିଡ ପରୀକ୍ଷା କରାଇନେବା, ସମସ୍ତେ ଟିକାକରଣରେ ଅଂଶଗ୍ରହଣ କରିବା ଦିଗରେ ସଚେତନ କରିଥିଲେ।

# ବେଆଇନ ଭାବେ ଖୋଳିନେଲେ ମାଟି

**ପୁରୀ ଅଫିସ, ୬।୬:**



- ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟାୱାର
- ଗାତରେ ପଡ଼ି ଯାଇପାରେ ଜୀବଜନ୍ତୁଙ୍କ ପ୍ରାଣ

ଶ୍ରୀଜଗନ୍ନାଥ ମେଡିକାଲ ଓ କଲେଜ ପର୍ଯ୍ୟନ୍ତ ଲମ୍ବିଥିବା ମୁଖ୍ୟରାସ୍ତା ବିପଦସଙ୍କୁଳ ହୋଇ ପଡ଼ିଛି। ରାସ୍ତା ନିର୍ମାଣ ପାଇଁ ସଂଲଗ୍ନ ଜମିରୁ ବେଆଇନ ଭାବେ ମାଟି ଖୋଳି ନିଆଯାଇଛି। ଫଳରେ ପ୍ରାୟ ୨କି.ମି. ପର୍ଯ୍ୟନ୍ତ ରାସ୍ତା ଉଭୟ ପାର୍ଶ୍ୱରେ ୧୦ ଫୁଟ୍‌ରୁ ଅଧିକ ଗଭୀର ଗାତ ହୋଇଛି। ଏଥିଯୋଗୁ ଯାତାୟାତ ବେଳେ ମଣିଷ ଓ ପଶୁ ପଡ଼ିଯାଇ ପ୍ରାଣ ହରାଇବା ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ରାସ୍ତା ପାର୍ଶ୍ୱସ୍ଥ ଓପିଟିସିଏଲ୍‌ର ବିଦ୍ୟୁତ ଟାୱାର ତଳୁ ମଧ୍ୟ ମାଟି ତାଡ଼ି ନିଆଯାଇଛି। ତେଣୁ ବିପଦସଙ୍କୁଳ ଅବସ୍ଥାରେ ଥିବା ଏହି ଟାୱାର ଯେକୌଣସି ସମୟରେ ଗଳିପଡ଼ିବାର ଆଶଙ୍କା ରହିଛି। ଏହି ବେଆଇନ ମାଟି ଖନନ କାର୍ଯ୍ୟକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଶ୍ରୀଜଗନ୍ନାଥ ମେଡିକାଲ ଓ କଲେଜକୁ ଲାଗି ବାଲୁଖଣ୍ଡ ଅଭୟାରଣ୍ୟ ରହିଛି। ତେଣୁ ରାସ୍ତା ନିର୍ମାଣ ପାଇଁ ସଂଲଗ୍ନ ଜମିରୁ ମାଟି ଖୋଳାଯିବା ପଛରେ ଅନିୟମିତତା ହିଁ କାରଣ ବୋଲି ସ୍ଥାନୀୟ ଲୋକେ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ଗୋଟିଏ ପଟେ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ହାତ କରି ଏବଂ ଅନ୍ୟପଟେ ଶକ୍ତି ବିଭାଗ କିମ୍ବା ଓପିଟିସିଏଲ୍ କର୍ତ୍ତୃପକ୍ଷଙ୍କ ସହ ପରାମର୍ଶ ବିନା ସମ୍ପୃକ୍ତ ଠିକାଦାର ଏଭଳି କାର୍ଯ୍ୟ କରିଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ସାମାଜିକକର୍ମୀ ଚିନ୍ମୟ ଦାସ କହିଛନ୍ତି, ତଦାରଖ ଦାୟିତ୍ୱରେ ଥିବା ଅଧିକାରୀମାନେ କିଭଳି ଏହି କାର୍ଯ୍ୟ ସମ୍ପର୍କରେ ଜାଣିପାରିଲେ ନାହିଁ ତାହା ପ୍ରଶ୍ନବାଚୀ ହୋଇଛି। ଠିକ୍ ଭାବେ କାର୍ଯ୍ୟ ତଦାରଖ କରାଯାଇ ନ ଥିବା ଏଥିରୁ ପ୍ରମାଣ ମିଳୁଛି। ଉକ୍ତ ରାସ୍ତା ସମସ୍ତଙ୍କ ପାଇଁ ସମସ୍ୟା ବଢ଼ାଇବ। ଅନ୍ୟପକ୍ଷରେ ସମ୍ପୃକ୍ତ ଠିକାଦାର କହିଛନ୍ତି, ରାସ୍ତାକଡ଼ରେ ଥିବା ମାଟିକୁ ତାଙ୍କ ସଂସ୍ଥା ଖୋଳିନାହିଁ। ବାଲି ଓ ମାଟି ମାଫିଆମାନେ ମାଟି ଉଠାଇ ନେଇଛନ୍ତି। ଏନେଇ ପୂର୍ତ୍ତ ବିଭାଗର ବରିଷ୍ଠ ଉନ୍ନୟନ ଅଧିକାରୀ ଘନଶ୍ୟାମ ପଣ୍ଡାଙ୍କୁ ପଚାରିବାରେ କହିଛନ୍ତି, ସମ୍ପୃକ୍ତ ରାସ୍ତା ନିର୍ମାଣ ପାଇଁ ୫ରୁ ୧୦ କି.ମି ଦୂରରୁ ମାଟି ଆଣି ପକାଇବା ପାଇଁ କୁହାଯାଇଛି। ରାସ୍ତା ନିର୍ମାଣ ଲାଗି ଅନୁମତି ଥିବାବେଳେ ରାସ୍ତାକଡ଼ରୁ ମାଟି ତାଡ଼ିନିଆଯିବା ବେଆଇନ କାର୍ଯ୍ୟ। ମାତ୍ର ଏଭଳି ହୋଇଛି କି ନାହିଁ ସେ ନେଇ ତଦନ୍ତ ପରେ ଚିତ୍ର ସ୍ପଷ୍ଟ ହେବ। ସେହିପରି ଓପିଟିସିଏଲ୍ ଟାୱାର ତଳୁ ମାଟି ଖୋଳାଯିବା ସମ୍ପର୍କରେ ବିଭାଗୀୟ ବରିଷ୍ଠ ଉନ୍ନୟନ ଅଧିକାରୀ କହିଛନ୍ତି, ଏ ନେଇ କୌଣସି ଅଭିଯୋଗ ମିଳିନାହିଁ। ତଥାପି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ମିଶ୍ରଙ୍କୁ ବାରମ୍ବାର ଫୋନ୍ ଯୋଗେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

## ରଥଖଳାରୁ

# ଆଜି ଅନୁକୂଳ ହେବ ଦଣ୍ଡା ଚଉପଟ କାମ

**ପୁରୀ ଅଫିସ, ୬।୬:**

ରଥ ନିର୍ମାଣ କାର୍ଯ୍ୟ ଜୋରସୋର୍‌ରେ ଆଗେଇ ଚାଲିଛି। ରବିବାର ସନ୍ଧ୍ୟା ସୁଦ୍ଧା ତିନି ରଥର ୪୨ଟି ଚକ ମଧ୍ୟରୁ ୩୩ଟି ଚକ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଏଥିସହ ତିନି ରଥ ପାଇଁ ମହାରଣାମାନଙ୍କୁ ୪ଟି ଲେଖାଏ ୨୦ ଫୁଟିଆ ଚାରିନାହାକା କାଠ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନିର୍ଦ୍ଦେଶ କ୍ରମେ ଭୋଇସେବକମାନେ ଯୋଗାଇ ଦେଇଛନ୍ତି। ମହାରଣାମାନେ ଦୁଇଟି ଲେଖାଏ ଚାରି ନାହାକାର ଚଉପଟ କାମ ସହ ସେଗୁଡ଼ିକର ଆଠ ଅଂଶୀ ବା ଆଠ କୋଣୀ ସାଇଜ କାର୍ଯ୍ୟ ଶେଷ କରିଛନ୍ତି। ତିନିରଥର ମହାରଣାଙ୍କୁ ୧୧ଟି ଲେଖାଏ ଦଣ୍ଡାକାଠ ଯୋଗାଇଦିଆଯାଇଛି। ସୋମବାର ଦଣ୍ଡା ଚଉପଟ କାମ ଅନୁକୂଳ ହେବ। ରଥ ଫ୍ରେମ୍‌ରେ ପ୍ରଥମ ପର୍ଯ୍ୟାୟ ଦଣ୍ଡା ପଡ଼ିବ। ଏହା ଅଖକୁ ବାନ୍ଧି ରଖିବାରେ ସାହାଯ୍ୟ କରେ। ଅଖ ଉପରେ ୫ଟି ଓ ପାର୍ଶ୍ୱରେ ୪ଟି ଦଣ୍ଡା ପଡ଼ିବ। ପରେ ରଥ ଉପରି ଭାଗ କାମ ପାଇଁ କୋଣଗୁଜ ସେଟିଂ ସହ ଦଣ୍ଡା ଉପରେ ଦୁଇଟି ୧୮ ଫୁଟିଆ ଗରଗରା ସେଟିଂ ହୋଇ ଚାରିନାହାକା ଉଠିବ। ସେହିପରି ଦୋଳବେଦିଠାରେ କରତି ସେବକ ତାଳଧ୍ୱଜ ରଥର ପୋଲ ଗୟଳ ଚିରଟ କାମ ଆରମ୍ଭ କରିଛନ୍ତି। ଏହି ୪୫ ଫୁଟିଆ ପୋଲ ଗୟଳର ଉଭୟ ପାର୍ଶ୍ୱ ସମତୁଲ କାର୍ଯ୍ୟ ସରିଛି। ରୂପକାର ସେବକମାନେ କୋଣଗୁଜ ବା ସାଲଗୁଜରେ ସିଂହ ବିରାଳ ରୂପ ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ତାଳଧ୍ୱଜ ରଥର ୧୧ଟି, ଦେବଦଳନ ରଥର ୧୦ଟି ଓ ନନ୍ଦିଘୋଷ ରଥର ୧୨ଟି ଚକ ନିର୍ମାଣ ସରିଛି। ଅନ୍ୟପକ୍ଷରେ ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଦଣ୍ଡବିଡ଼ିଆ କଣ୍ଟା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରତି ରଥ ପାଇଁ ୧୦୬ଟି ଲେଖାଏ ଦଣ୍ଡା ବିଡ଼ିଆ କଣ୍ଟା ଆବଶ୍ୟକ ହୋଇଥାଏ। ତିନି ରଥର ଫ୍ରେମ୍ ବନ୍ଧା ପାଇଁ ଏହି କଣ୍ଟା ବ୍ୟବହାର ହେବ। ଏହି ଦଣ୍ଡା ବିଡ଼ିଆ କଣ୍ଟାକୁ ବିଡ଼ିଆ କଣ୍ଟା, ଚାର ପରିଛା କଣ୍ଟା, ପ୍ରଭା କଣ୍ଟା କୁହାଯାଏ। ତିନି ରଥର ଓଝା ସେବକମାନେ ରବିବାର ୩୦ଟି ଲେଖାଏ ଦଣ୍ଡା ବିଡ଼ିଆ କଣ୍ଟା ତିଆରି କରିଥିବା ସୂଚନା ମିଳିଛି।



କମାର ସେବକ ଗୟଳ କଣ୍ଟା ତିଆରି କରୁଛନ୍ତି ।

# ୨ବର୍ଷ ପରେ ଅନ୍ୟତମ ଅଭିଯୁକ୍ତ ଶ୍ରୀଧର ଗିରଫ

**ପୁରୀ ଅଫିସ, ୬।୬:**

**ଉମାଶଙ୍କର ଆଚାର୍ଯ୍ୟ ହତ୍ୟା ମାମଲା**

ଉମାଶଙ୍କର ଆଚାର୍ଯ୍ୟ ହତ୍ୟା ମାମଲାରେ ଦୀର୍ଘ ୨ବର୍ଷ ଧରି ଫେରାର ଥିବା ଅଭିଯୁକ୍ତ ଶ୍ରୀଧର ଭୋଇଙ୍କୁ ରବିବାର ପୁରୀ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଜିଲା ଅଦାଲତ ଶ୍ରୀଧରଙ୍କ ଜାମିନ ଆବେଦନ ଖାରଜ କରିବା ପରେ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ପୂର୍ବରୁ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ରମେଶ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ଗିରଫ କରାଯାଇଥିଲା। ୨୦୧୯ରେ ଘଟିଥିବା ଏହି ହତ୍ୟା ଘଟଣାରେ ରମେଶ ଓ ଶ୍ରୀଧର ଅଭିଯୁକ୍ତ ଥିଲେ।

ପୁରୀ ଟାଉନ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସଙ୍କ ସୂଚନା ଅନୁଯାୟୀ, ଉମାଶଙ୍କରଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ସମ୍ପର୍କୀୟ ଭାଇ ରବୀନ୍ଦ୍ର ଆଚାର୍ଯ୍ୟ ୨୦୧୯ ଜୁନ୍ ୧୩ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ତଦନ୍ତରୁ ଜଣାପଡ଼ିଥିଲା, ମୃତ ଉମାଶଙ୍କର ମାନସିକ ଅନଗ୍ରସର ବ୍ୟକ୍ତି ଥିଲେ। ଜମିବାଡ଼ି ବିବାଦରୁ ତାଙ୍କ ସାନଭାଇ ରମେଶ ତାଙ୍କୁ ଘରେ ରହିବାକୁ ଦେଉ ନ ଥିଲେ। ତେଣୁ ସେ ଘର ପାଖ କ୍ୟାବିନ୍‌ରେ ଶୋଉଥିଲେ। ୨୦୧୯ ଜୁନ ୧୩ରେ ଉମାଶଙ୍କର ଘର ଭିତରକୁ ଯିବା ପାଇଁ ଚେଷ୍ଟା କରିବାରୁ ରମେଶ ପୂର୍ବ ଯୋଜନା ଅନୁଯାୟୀ ଶ୍ରୀଧରଙ୍କ ସହ ମିଶି ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା। ତତ୍କାଳୀନ ଥାନା ଆଇଆଇସି ଦେବୀ ପ୍ରସାଦ ପାତ୍ର ଏହାର ତଦନ୍ତ କରି ଅଭିଯୁକ୍ତ ରମେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ତେବେ ଅନ୍ୟ ଅଭିଯୁକ୍ତ ଶ୍ରୀଧର ଫେରାର ହୋଇଯାଇଥିଲେ। ଏ ନେଇ ଆଇପିସି ଧାରା ୩୦୨ ଓ ୩୪ରେ କେସ୍ ନଂ. ୧୧୬/୧୯ ରୁଜୁ ହୋଇଥିଲା। ପରେ ଏହି ମାମଲା ପୁରୀ ଜିଲା କୋର୍ଟରେ ବିଚାରାଧୀନ ଥିଲା।

# କୋରେକ୍ସ ଜବତ: ୭ ଗିରଫ

**ପୁରୀ ଅଫିସ, ୬।୬:**

ପୁରୀ ସହରର ବିଭିନ୍ନ ସ୍ଥାନରେ ରବିବାର ପୋଲିସ ଚଢ଼ାଉ କରି ବେଆଇନ ଭାବେ କୋରେକ୍ସ ବିକିବା ଅଭିଯୋଗରେ ୭ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟାଉନ ଥାନା ଅଧୀନ ଚୁଡ଼ଙ୍ଗସାହି ଅଞ୍ଚଳର ରାକେଶ ପ୍ରଧାନ, ବାଣୁଆ ଗଳିର ଲୋକନାଥ ଦାଶ, କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଦଇତାପଡା ସାହିର ଅରୁଣ ତ୍ରିପାଠୀ, ଗଜପତି ନଗରର ପ୍ରଭାତ ଜେନା, ନରେନ୍ଦ୍ରକୋଣ ମଙ୍ଗଳା ସାହିର ପଦ୍ମନାଭ ଦାଶ, ରଞ୍ଜନ ନାୟକ, ତାଳବଣିଆ ଥାନା ଅଧୀନ ମଧୁବନ ୫ ଲେନ୍‌ର ବିରଞ୍ଚି ପାତ୍ର। ଟାଉନ ଥାନା ପୋଲିସ ଜଗନ୍ନାଥ ବଲ୍ଲଭ ପାର୍କ ଅଞ୍ଚଳରେ ଚଢ଼ାଉ କରି ରାକେଶ, ଲୋକନାଥ ଏବଂ ଅରୁଣଙ୍କୁ ଧରିବା ସହ ତାଙ୍କ ନିକଟରୁ ୩୫ ବୋତଲ କୋରେକ୍ସ ଜବତ କରିଥିଲା। ଏ ନେଇ କେସ୍ ନଂ. ୧୫୩/୨୧ ରୁଜୁ ହୋଇଛି। ସେହିପରି ତାଳବଣିଆ ଥାନା ପୋଲିସ କେନ୍ଦ୍ରୀୟ ବିଦ୍ୟାଳୟ ଓ ହୁଲୁହୁଲିଆ ପୋଲ ପାଖରେ ଚଢ଼ାଉ କରି ବିରଞ୍ଚିଙ୍କୁ ଧରି ୪୦ଟି କୋରେକ୍ସ ବୋତଲ ସହ ୮୧୦ ଟଙ୍କା ଜବତ କରିଛି। ଏନେଇ କେସ୍ ନଂ. ୭୪/୨୧ ରୁଜୁ ହୋଇଛି। କୁମ୍ଭାରପଡ଼ା ଥାନା ପୋଲିସ କ୍ୟାବିନ ପଛରୁ ପ୍ରଭାତଙ୍କୁ ଧରି ତାଙ୍କଠାରୁ ୨୫ ବୋତଲ କୋରେକ୍ସ ଜବତ କରିଥିଲା। ନରେନ୍ଦ୍ରକୋଣ ଅଞ୍ଚଳରୁ ପଦ୍ମନାଭ ଓ ରଞ୍ଜନଙ୍କୁ ଗିରଫ କରି ତାଙ୍କ ଠାରୁ ୨୫ ବୋତଲ କୋରେକ୍ସ ଜବତ କରାଯାଇଛି। ଏ ନେଇ କେସ୍ ନଂ. ୧୭୯ /୨୧ ଓ ୧୮୦/୨୧ ରୁଜୁ ହୋଇଛି।

# ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି

**ପୁରୀ ଅଫିସ, ୬।୬:**

ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ ଏକାଦଶୀରେ ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ସମ୍ପନ୍ନ ହୋଇଛି। ୨୧ ଦିନ ବ୍ୟାପୀ ବାହାର ଚନ୍ଦନ ଯାତ୍ରା ଶେଷ ହେବା ପରେ ଶନିବାରଠାରୁ ଶ୍ରୀମନ୍ଦିର ଭିତରେ ୨୧ ଦିନିଆ ଭିତର ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ରବିବାର ପବିତ୍ର ଜଳକ୍ରୀଡ଼ା ଏକାଦଶୀ ଅବସରରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ମଙ୍ଗଳ ଆଳତି, ମଇଲମ, ଅବକାଶ ପୂଜା ପରେ ଅନ୍ୟାନ୍ୟ ନୀତି ବଢ଼ି ଆଲଟ ଲାଗି, ଚନ୍ଦନ ଲାଗି ପରେ ମହାପ୍ରଭୁଙ୍କ ବେଶ ବଢିଥିଲା। ପରେ ଯାତ ଭୋଗ ହୋଇଥିଲା। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ ଏବଂ ମହାଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମା ଶ୍ରୀଦେବୀ ଆଜ୍ଞାମାଳ ପାଇ ମହାଜନ ସେବକଙ୍କ ହାତରେ ପାଲିଙ୍କିକୁ ବିଜେ ହୋଇଥିଲେ। ପରେ ଶ୍ରୀମନ୍ଦିର ପରିସର ରୋହିଣୀ କୁଣ୍ଡ ନିକଟ ତଥା ନୃସିଂହ ମନ୍ଦିର ପଶ୍ଚାତ ଭାଗରେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରିଥିଲେ। ଏହି ମଣ୍ଡପର ଉଚ୍ଚତା ୨୩ ଫୁଟ ଏବଂ ଭିତର ବେଢା ପତ୍ତନଠାରୁ ମଣ୍ଡପଟି ୭ ଫୁଟ ଉଚ୍ଚରେ ଅବସ୍ଥିତ। ମଣ୍ଡପ ମଧ୍ୟରେ ଥିବା ପ୍ରସ୍ତର କୁଣ୍ଡରେ ସୁବାସିତ ଜଳରେ ଶ୍ରୀମଦନମୋହନ ଓ ଶ୍ରୀଦେବୀ ବିଜେ କରିଥିଲେ। ଠାକୁର ଓ ଠାକୁରାଣୀଙ୍କୁ ପ୍ରସାସ ଲାଗି ପରେ ନୀତି ବଢିଥିଲା। ପଞ୍ଚ ଉପଚାରରେ ଶୀତଳ ଭୋଗ ପରେ ମଇଲମ, ମାଳଫୁଲ ଲାଗି କରାଯାଇ ବେଶ ବଢିଥିଲା। ପରେ ବନ୍ଦାପନା ନୀତି ହୋଇଥିଲା। ଠାକୁର ଓ ଠାକୁରାଣୀଙ୍କ ବାହୁଡ଼ା ବିଜେ ପରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇଥିଲା।

# ବାତଲ ଗାଁରେ ଫାଙ୍କା ଗୁଳିଚାଳନା, ଜଣେ ଅଟକ

**ଡେଲାଙ୍ଗ,୬।୬(ଡି.ଏନ୍.ଏ.):**

ଡେଲାଙ୍ଗ ଥାନା ଅଧୀନ ବାତଲ ଗ୍ରାମରେ ରବିବାର ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ଫାଙ୍କା ଗୁଳିଚାଳନା ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏହି ଥାନା ଅନ୍ତର୍ଗତ ଅୟତନତୁଆ ଗ୍ରାମର ଜଣେ ଯୁବତୀଙ୍କ ସହ ବାତଲ ଗ୍ରାମର ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ରହିଥିଲା। ଗତ ୨ତାରିଖ ରାତିରେ ସମ୍ପୃକ୍ତ ଯୁବତୀଙ୍କୁ ଯୁବକ ଜଣକ ନିଜ ଘରକୁ ନେଇ ଆସିଥିଲେ। ଅନ୍ୟପଟେ ଯୁବତୀଙ୍କ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଖବରପାଇ ରବିବାର ଯୁବତୀଙ୍କ ଭାଇ ଓ ଅନ୍ୟ ସହଯୋଗୀମାନେ ବାତଲ ଗ୍ରାମରେ ପହଞ୍ଚି ଭଉଣୀକୁ ଫେରାଇ ନେବା ପାଇଁ ନିବେଦନ କରିଥିଲେ। ଯୁବକଙ୍କ ପରିବାର ଲୋକେ ନ ଶୁଣିବାରୁ ଫାଙ୍କା ଗୁଳିଚାଳନା କରିଥିଲେ। ଏନେଇ ଯୁବକଙ୍କ ଭଉଣୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୩୮/୨୧)ରୁଜୁ କରିଛି। ଘଟଣାସ୍ଥଳରୁ ପୋଲିସ ୨ଟି ଖୋକା ଜବତ କରିବା ସହ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରଖିଛି।

# ରାମଚଣ୍ଡୀଙ୍କ ଜଳାଶାୟୀ ନୀତି ସମ୍ପନ୍ନ

**ପୁରୀ ଅଫିସ, ୬।୬:**

ଜଳକ୍ରୀଡ଼ା ଏକାଦଶୀରେ ରବିବାର ପୁରୀ ଦୋଳମଣ୍ଡପ ସାହି ଜେନାରୀ ଗଛ ଛକସ୍ଥିତ ମା' ରାମଚଣ୍ଡୀ ଠାକୁରାଣୀଙ୍କ ଜଳଶାୟୀ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ମଙ୍ଗଳ ଆଳତି, ଅବକାଶ ନୀତି, ଶୀତଳ ଓ ବାଳ ଭୋଗ ପରେ ଶଙ୍ଖୁଡ଼ି ଭୋଗ କରାଯାଇଥିଲା। ପରେ ଜଳାଶାୟୀ ନୀତି ଆରମ୍ଭ ହୋଇଥିଲା। ଠାକୁରାଣୀଙ୍କ ଆସ୍ଥାନ ନିକଟରେ ବନମାଟି ଦ୍ୱାରା ଆବୃତ୍ତ କରାଯାଇଥିଲା। ବ୍ରାହ୍ମଣମାନେ ମୁହଁରେ ବାଘତୁଣ୍ଡି ବାନ୍ଧି ନିକଟସ୍ଥ କୂପରୁ ଗରାରେ ଜଳ ଆଣି ଶୋଭାଯାତ୍ରାରେ ମନ୍ଦିର ନିକଟକୁ ଆସିଥିଲେ। ମୁଖ୍ୟ ପୂଜକ ରଞ୍ଜିତ ଦାଶ ଓ ସୋମନାଥ ଦାଶ ଜଳରେ କର୍ପୁର, ଚୁଆ, ଅଗୁର, ଚନ୍ଦନ, ଓ ସୁବାସିତ ପୁଷ୍ପ ମିଶ୍ରଣ କରି ସଂସ୍କାର ପରେ ଠାକୁରାଣୀଙ୍କୁ ଜଳାଶାୟୀ କରାଇଥିଲେ। ପଣା ଭୋଗ ପରେ ସନ୍ଧ୍ୟା ପର୍ଯ୍ୟନ୍ତ ପାଣିରେ ଠାକୁରାଣୀ ବୁଡ଼ି ରହିଥିଲେ। ସନ୍ଧ୍ୟାରେ ପାଣି କଢ଼ାଯାଇ ମା'ଙ୍କୁ ଚନ୍ଦନ ବେଶରେ ସଜାଯାଇ ସନ୍ଧ୍ୟା ଆଳତି ବଢ଼ିଥିଲା। ରାତିରେ ଶୁଖିଲା ଭୋଗ ପରେ ପହୁଡ଼ କରାଯାଇଥିଲା। ଶିବ ନାରାୟଣ ଦାଶ, ସତ୍ୟ ନାରାୟଣ ଦାଶ, ରାମ ନାରାୟଣ ଦାଶ, ରଞ୍ଜନ ଦାଶ, ଶିଶିର ଶତପଥୀ ଏବଂ ସବ୍ୟସାଚୀ ରଥ ପ୍ରମୁଖ ଜଳଲାଗି କରିଥିଲେ। ମା' ରାମଚଣ୍ଡୀ ଠାକୁରାଣୀ ପରିଚାଳନା କମିଟିର ସମ୍ପାଦକ ମାଗୁଣି ପୃଷ୍ଟି, ସହସମ୍ପାଦକ ରାଜେନ୍ଦ୍ର ପାତ୍ର ଓ କୋଷାଧକ୍ଷ ବୁଲୁ ପଢ଼ିଆରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମା' ରାମଚଣ୍ଡୀ ଠାକୁରାଣୀ

# ପୋଲିସ ଡେରିରେ ଆସିବାରୁ ଜଣେ ଅଭିଯୁକ୍ତ ଖସିଲେ

**ଗୋପ,୬।୬(ଡି.ଏନ୍.ଏ.)**

ଗୋପ-ସୁବର୍ଣ୍ଣପୁର ରାସ୍ତାର ଏକ ନବନିର୍ମିତ ନିର୍ମାଣ ଗୃହରୁ ୨ଜଣ ଯୁବକ ରବିବାର ଅପରାହ୍ନରେ ରଡ୍ ଚୋରି କରୁଥିବାବେଳେ ଘର ନିର୍ମାଣ କରୁଥିବା ବ୍ୟକ୍ତି ଧରିନେଇ ନିକଟ ଶୋଳପୁର ଗାଁ କ୍ଲବ ଘରକୁ ଆଣିଥିଲେ। ଗାଁ ଲୋକେ ଯୁବକଦ୍ୱୟଙ୍କ ପରିଚୟ ପଚାରିବାରୁ ଜଣେ ସୁବର୍ଣ୍ଣପୁର ଗ୍ରାମର ବୋଲି ସୂଚନା ଦେଇଥିବା ବେଳେ ଅନ୍ୟ ଜଣେ ନିମାପଡ଼ା ଥାନା ଅଞ୍ଚଳ ତୁଳସୀପୁର ଗାଁର ବୋଲି କହିଥିଲେ। ଗ୍ରାମବାସୀ ଉଭୟଙ୍କୁ ମାଡ଼ ମାରି ଥାନାକୁ ଫୋନ କରିଥିଲେ। ହେଲେ ପୋଲିସ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚିବାବେଳେ ଠିକ୍ ସମୟରେ ଲାଇନ୍ କଟିଯାଇଥିଲା। ଫଳରେ ୨ ଅଭିଯୁକ୍ତଙ୍କ ମଧ୍ୟରୁ ସୁବର୍ଣ୍ଣପୁର ଗ୍ରାମର ଅଭିଯୁକ୍ତ ଖସିଯାଇଥିଲେ। ଶେଷରେ ପୋଲିସ ଜଣଙ୍କୁ ଧରି ଥାନାକୁ ଆସିଥିଲା। ଅନ୍ୟ ଜଣଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଚଳାଇଛି।

ବିଶିଷ୍ଟ ନାଟ୍ୟକାର, ଗୀତିକାର, କଳାକାର, ସଂଗଠକ ଓ କବି
୰ଶ୍ରୀ ନାରାୟଣ ଚନ୍ଦ୍ର ରାୟମହାପାତ୍ରଙ୍କ
ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ ୧୭.୧୧.୧୯୩୭
ତିରୋଧାନ ୨୭.୦୫.୨୦୨୧

ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ପ୍ରେରଣା ଆମ୍ଭମାନଙ୍କ ଚଲାପଥକୁ ସଦା ଆଲୋକିତ କରୁଥାଉ। ଆପଣ ଥିଲେ ଜଣେ ବିରଳ ବ୍ୟକ୍ତିତ୍ୱ ସହିତ ଅନନ୍ୟ ପ୍ରତିଭାର ଅଧିକାରୀ। ଆପଣ ନିଜର କଳାଗୁଣ, ପରଉପକାର ପାଇଁ ଯୁଗ ଯୁଗ ଧରି ଅମର ରହିବେ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ଭଉଣୀ, ଭାଣିଜୀ ଓ ଭଣଜା
ସାଆଁଳପୁର, ଭଦ୍ରକ | ପୁରୁଣାସାହି, ଯାଜପୁର

# ବିଲ୍ ପାଇଁ ଝୁଡ଼ି, କୋଦାଳ ଧରାଇ ଉଠାଗଲା ଫଟୋ

**ଗୋପ,୬।୬(ଡି.ଏନ୍.ଏ.):**

**ପଞ୍ଚାୟତ ପୋଖରୀରୁ ମାଟି ଚୋରି ଘଟଣା**

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମିଥ୍ୟା ବିଲ୍ କରିବା ପାଇଁ ଗୋପ ବ୍ଲକ ଅଧୀନ କୁଆଁପଡା ପଞ୍ଚାୟତରେ ଜୋରଦାର ପ୍ରୟାସ ଚାଲିଛି। ମେଶିନ ମାଧ୍ୟମରେ ଅଳ୍ପ କିଛି ମାଟି ଖୋଳି ବିକ୍ରି କରିବା ପରେ ପୋଖରୀର ଚତୁଃପାର୍ଶ୍ୱରେ କେବଳ ମାଟିର ବେଢ଼ା କରି ଲକ୍ଷାଧିକ ଟଙ୍କାର ବିଲ ନେଇଯିବା ଉଦ୍ୟମ ଆରମ୍ଭ ହୋଇଛି। ଏପରି କି ସରକାରୀ ଛୁଟି ଦିବସରେ ରବିବାର ଅଳ୍ପ କେତେଜଣ ଜବକାର୍ଡଧାରୀଙ୍କୁ ଏହି ପୋଖରୀରେ ଝୁଡ଼ି, କୋଦାଳ ଧରାଇ ଫଟୋ ଉଠାଇବା ଭଳି ଅଭିଯୋଗ ଆସିଛି। ସୂଚନାଯୋଗ୍ୟ, ଗତ ୨୫ ଓ ୨୬ ତାରିଖରେ କୁଆଁପଡା ପଞ୍ଚାୟତର ଜଣେ ଲୋକ ପ୍ରତିନିଧି ଆଳିଶି ଗାଁରେ ଥିବା ପଞ୍ଚାୟତ ପୋଖରୀରେ ମେଶିନ ଲଗାଇ ଶତାଧିକ ଟ୍ରିପ ମାଟି ବିକ୍ରି କରିବା ପରେ ଆଉ ଅଳ୍ପ କିଛି ମାଟି ପକାଇ କେବଳ ଏହି ପୋଖରୀର ବେଢ଼ା କରାଯାଇଥିଲା। ପରେ ଆଳିଶି ଗ୍ରାମର କେତେଜଣ ବ୍ୟକ୍ତି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ମିଥ୍ୟା ବିଲ୍ କରିବା ପାଇଁ ଲୋକ ପ୍ରତିନିଧି ମାଟି ବିକ୍ରି କରିଥିବା ନେଇ ବିଡିଓ ଦୀପ୍ତିରାଣୀ ଦାସଙ୍କଠାରେ ଅଭିଯୋଗ କରିଥିଲେ। ଫଳରେ ବିଡିଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ମୋନାଲିସା ଶତପଥୀ, ବ୍ଲକ ପଞ୍ଚାୟତ ଅଧିକାରୀ ଜୟଶ୍ରୀ ମିଶ୍ରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି ୨ ଅଧିକାରୀ କୁଆଁପଡା ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ତ୍ରିପାଠୀ, ପଞ୍ଚାୟତର ଗ୍ରାମ୍ୟ ରୋଜଗାର ସେବକଙ୍କୁ ଏହି କାର୍ଯ୍ୟର ସବିଶେଷ ବିବରଣୀ ମଗା ଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ଏହି କାର୍ଯ୍ୟର ସତ୍ୟାସତ୍ୟ ମିଳି ନ ଥିବାବେଳେ ଅଭିଯୋଗ କଥା ଜାଣି ଲୋକ ପ୍ରତିନିଧି ଜଣକ ରବିବାର କେତେଜଣ ଶ୍ରମଜୀବୀଙ୍କୁ ଝୁଡ଼ି, କୋଦାଳ ଧରାଇ ଫଟୋ ଉଠାଉଥିବା ପ୍ରୟାସ ହୋଇଛି। ଅନ୍ୟପଟେ ଏହି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ବ୍ୟାପକ ଅନିୟମିତତା ହେବା ସହ ପୂର୍ବରୁ ମଧ୍ୟ ବିଭିନ୍ନ ମିଥ୍ୟା ବିଲ କରାଯାଇଥିବା ଅଭିଯୋଗ ରହିଛି। ଏ ସମ୍ପର୍କରେ ବିଡିଓ ଦାସ କହିଛନ୍ତି, ଅଭିଯୋଗ ମୁତାବକ ତଦନ୍ତ ରିପୋର୍ଟ ମଗାଯାଇଛି। ରିପୋର୍ଟ ପହଞ୍ଚିବା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।


## CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Registration No.3367
Balaji Finance Ltd.
1941ଠାରୁ ଆପଣଙ୍କ ସେବାରେ
ମାର୍କସିଟ, ପ୍ରପର୍ଟି, ପର୍ସନାଲ
BPL, ଇଟାଭାଟି, କୁକୁଡ଼ାପାଳନ
ଏବଂ ସବୁ ଋଣ ମାତ୍ର 24 ଘଣ୍ଟାରେ
ଘରେ ବସି ପାଆନ୍ତୁ ।
2% ସୁଧ 40% ଛାଡ଼
(ଦରକାର ପ୍ରତି ସାବଧାନ)
ଠକାମି ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
8004740343

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN
ଯୋଗାଇ ଦେଉଛି । ମାର୍କସିଟ,
ପର୍ସନାଲ, ସମ୍ପତ୍ତି, ଗୃହ,
ବ୍ୟବସାୟ, କୃଷି, ଶିକ୍ଷା,
କୁକୁଡ଼ା ଓ ଗୋପାଳନ ଇତ୍ୟାଦି
ସମସ୍ତ ପ୍ରକାର LOAN
ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh

ଆବଶ୍ୟକ ନେଉନ୍ତୁ, ଧୋକା ଦେଉନ୍ତୁ
ହିନ୍ଦୁସ୍ତାନ ଫାଇନାନ୍ସ
ଆଧାରକାର୍ଡ, ପ୍ରୁଫ୍
ମାର୍କସିଟ୍, ପ୍ରପର୍ଟି,
ପର୍ସନାଲ, ଏଗ୍ରିକଲ୍ଚର,
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% ଛାଡ଼ 50%
ଠକାମି ଶିକାର ବ୍ୟକ୍ତି ନିଶ୍ଚୟ ଯୋଗାଯୋଗ କରନ୍ତୁ
08765087341
09473641974
Sasane Nagar, Pune

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହୋଇଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ବିଚାର କରି କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଚୋରି ଅଭିଯୋଗରେ ୧୦ ଗିରଫ

**ଭୁବନେଶ୍ୱର,୬।୬(ବ୍ୟୁରୋ):** କମିଶନରେଟ ପୋଲିସର ୪ ଥାନା ଅଞ୍ଚଳରୁ ଚୋରି ଅଭିଯୋଗରେ ୧୦ ଜଣଙ୍କୁ ଗିରଫ କରାଯାଇ ରବିବାର କୋର୍ଟ ଚାଲାଣ କରାଯାଇଛି। ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତ ହେଲେ ଧୂରୁକୁଟି ବସ୍ତିର ଶିବ ବେହେରା, ନୟାଗଡ ସଦର ଥାନାର ଦିଲୀପ ନାୟକ ଓ ନୟାଗଡ ଭୋଟପଡାର ଜନାର୍ଦ୍ଦନ ନାୟକ। ସେହିପରି ଶହୀଦନଗର ପୋଲିସ ଗିରଫ କରିଥିବା ଅଭିଯୁକ୍ତ ହେଲେ ଗଜପତି ଜିଲାର ଜଗନ୍ନାଥ ପତି, କଟକ ଜିଲାର ନଟବର ନାୟକ ଓ ପବନା ନାୟକ । ଖଣ୍ଡଗିରି ପୋଲିସ ଗିରଫ କରିଥିବା ଅଭିଯୁକ୍ତ ହେଲେ ଭୋଲ ସାହିର କିଶୋର ସାମଲ ଓ ଧିରେନ ଭଞ୍ଜ। ଖାରବେଳ ପୋଲିସ ଗିରଫ କରିଥିବା ଅଭିଯୁକ୍ତ ହେଲେ ୟୁନିଟ-୩ ଅଞ୍ଚଳର ଏସ୍‌କେ ଆଲାମିନ୍ ଖାନ ଓ ଶାନ୍ତିନଗର ବସ୍ତିର ଏସ୍‌କେ ଅଜିଜୁଲ୍ ରେହେମାନ୍ ।

### କଣାସରେ ୧୬ ପଜିଟିଭ

**କଣାସ,୬।୬(ସ୍ୱ.ପ୍ର.):** କଣାସ ବ୍ଲକରେ ରବିବାର ୧୬ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ବ୍ଲକରେ ମୋଟ ପଜିଟିଭ ସଂଖ୍ୟା ୭୮୭ରେ ପହଞ୍ଚିଛି। ସେଥି ମଧ୍ୟରେ ୭୦୩ଜଣ ସୁସ୍ଥ ହୋଇଥିବା ବେଳେ ୬ଜଣଙ୍କର ମୃତ ହୋଇଛି। ୧୬୩ଜଣ ଘରେ ରହି ଚିକିତ୍ସିତ ହେଉଥିବା ବେଳେ ୧୪ଜଣ ବିଭିନ୍ନ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

### ଡିଲରଙ୍କ ବୈଠକ

**କଣାସ,୬।୬(ସ୍ୱ.ପ୍ର.):** କଣାସ ବ୍ଲକର ଖାଉଟି ସାମଗ୍ରୀ ବଣ୍ଟନ କରୁଥିବା ଡିଲରମାନଙ୍କ ଏକ ବୈଠକ ରବିବାର କୋଟକଣା ଛକ ନିକଟରେ ଝାଡୁକିଶୋର ଜୟସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକର ୨୮ଟି ପଞ୍ଚାୟତର ୩୫ଜଣ ଡିଲର ଯୋଗଦେଇଥିଲେ। ଡିଲରମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଟଙ୍କିକିଆ ଚାଉଳ ବଣ୍ଟନ ଶେଷ ହୋଇଯିବା ପରେ ସୋମବାରଠାରୁ କେନ୍ଦ୍ର ସରକାରଙ୍କ ମାଗଣା ଚାଉଳ ବଣ୍ଟନ କିପରି କରାଯିବ ସେଥିପାଇଁ ସମସ୍ତ ଡିଲର ବିଶେଷଭାବେ ଧ୍ୟାନ ଦେବା ପାଇଁ ଜୟସିଂହ ସମସ୍ତ ଡିଲରଙ୍କୁ ଅନୁରୋଧ କରିଥିଲେ। ଚାଉଳ ଦେବା ସମୟରେ ଖାଉଟିଙ୍କଠାରୁ ଟିପ ଚିହ୍ନ ନେବା ପାଇଁ କହିଥିଲେ।

### ୬୫ ୟୁନିଟ୍ ରକ୍ତ ସଂଗ୍ରହ

**ବ୍ରହ୍ମଗିରି,୬।୬(ଡି.ଏନ୍.ଏ.):** ବ୍ରହ୍ମଗିରି ବ୍ଲକରେ ୨୮ନମ୍ବର ଜିଲା ପରିଷଦ ଜୋନରେ ବିଜୁ ଜନତା ଦଳ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ ଉଦ୍‌ଘାଟନ କରି ସମସ୍ତ ରକ୍ତଦାନ କରିଥିବା ଯୁବ ଓ ଛାତ୍ରମାନଙ୍କୁ ଉତ୍ସାହିତ କରିବା ସହିତ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ୬୫ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଜୁ ଜନତା ଦଳର ସଭାପତି ବିଦ୍ୟାଧର ସ୍ୱାଇଁ, ଭଗବାନ ନାୟକ, ଜିଲା ପରିଷଦ ସଦସ୍ୟ କୈଳାସ ଚନ୍ଦ୍ର ପରିଡା ଓ ପୁରୀ ଜିଲା ମୋ ପରିବାର ତଥା ଜୀବନ ବିନ୍ଦୁ ସଂଯୋଜକ ସୁଭାଶିଷ ଖୁଣ୍ଟିଆ ଉପସ୍ଥିତ ଥିଲେ।

### ବୃକ୍ଷ ବିବାହରେ ପରିବେଶ ସୁରକ୍ଷା ବାର୍ତ୍ତା



**ବାଲିପାଟଣା,୬।୬(ଡି.ଏନ୍.ଏ.):** ବାଲିପାଟଣା ବ୍ଲକ ଅନର୍ଗତ ନୂଆପଡା ଗ୍ରାମର ବରିଷ୍ଠ ନାଗରିକମାନେ ଧନୁଆ ନଦୀ କୂଳରେ ବର-ଓସ୍ତ ଗଛର ବିବାହ କାର୍ଯ୍ୟ ସମ୍ପନ୍ନ କରି ପରିବେଶ ସୁରକ୍ଷା ବାର୍ତ୍ତା ବାଣ୍ଟିଛନ୍ତି। ହିନ୍ଦୁଧର୍ମ ରୀତିନୀତି ଅନୁସାରେ ଶନିବାର ବିଶ୍ୱ ପରିବେଶ ଦିବସରେ ମଙ୍ଗଳକୃତ୍ୟ କରାଯାଇଥିଲା। ରବିବାର ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ବରପିତା ଭାବେ ରବୀନ୍ଦ୍ର ରାଉତରାୟ, ମାତା ଲକ୍ଷ୍ମୀପ୍ରିୟା ରାଉତରାୟ ଏବଂ କନ୍ୟା ପିତା ଭାବେ ରବୀନ୍ଦ୍ର ବେହେରା ଓ ମାତା ବିଳାସିନୀ ବେହେରା ବେଦିରେ ବସି କାର୍ଯ୍ୟ ସମ୍ପନ୍ନ କରିଥିଲେ। ପୂଜକ ସଞ୍ଜୟ ଦାସ ଓ ରବି ନନ୍ଦ ମନ୍ତ୍ରପାଠ କରିଥିଲେ। ବରିଷ୍ଠ ନାଗରିକ ବାଉରୀବନ୍ଧୁ ବାରିକ, କାହ୍ନୁ ଚରଣ ରାଉତରାୟ, ଉପେନ୍ଦ୍ର ଜେନା ପ୍ରମୁଖ ସହଯୋଗ କରିଥିଲେ। ପରିବେଶ ସୁରକ୍ଷା ପାଇଁ ଏବେଠାରୁ ସଚେତନ ହେବାକୁ ଯୁବପିଢ଼ିଙ୍କୁ ବାର୍ତ୍ତା ଦେଇଛନ୍ତି।

# ମାଷ୍ଟରମାଇଣ୍ଡ ସମେତ ୫ ଗିରଫ

## ଗୁରୁଜଙ୍ଗ ମହୋତ୍ସବ ପଡ଼ିଆରେ ଡକାୟତି ଯୋଜନା

- ଲୁଟେରାଙ୍କୁ ସୁହାଉଛି ଲକ୍‌ଡାଉନ
- ଖଣ୍ଡା, ଭୁଜାଲି, ଲୁହାରଡ୍ ଓ ଟଙ୍କା ଜବତ



**ଖୋର୍ଦ୍ଧା ଅଫିସ,୬।୬**

କରୋନା ପାଇଁ ରାଜ୍ୟରେ ଲକ୍‌ଡାଉନ ଓ ଶଟ୍‌ଡାଉନ ଜାରି ରହିଛି। ଏହି ସମୟରେ ଡକାୟତି ଗ୍ୟାଙ୍ଗ ସକ୍ରିୟ ହୋଇଉଠିଛନ୍ତି। ଶନିବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଗୁରୁଜଙ୍ଗ ମହୋତ୍ସବ ପଡ଼ିଆରେ ଡକାୟତି ଯୋଜନା କରୁଥିବା ବେଳେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ପହଞ୍ଚି ୫ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗୁରୁଜଙ୍ଗ ଦେବାନ ସାହିର ପୁତୁଲ ଓରଫ ସୌମ୍ୟରଞ୍ଜନ ପଟ୍ଟନାୟକ(୨୬), ଦଳିତସାହିର ସୀପା ଓରଫ ସୁଦୀପ୍ତ ନାୟକ(୩୦), ଜବରଦସ୍ତପୁରର ବଳିଆ ଓରଫ ବଳଭଦ୍ର ବେହେରା(୩୦), ଜଟଣୀ ଥାନା ରଥିପୁର ଗ୍ରାମର ଗୁଡୁ ଓରଫ ସେକ୍ ଜାମୁରୁଦ୍ଦିନ (୨୨) ଓ ଫିରୋଜ ଖାନ(୨୦)। ଏମାନଙ୍କ ନିକଟରୁ ୪ ହଜାର ଟଙ୍କା, ଖଣ୍ଡା, ଲୁହାରଡ୍, ଭୁଜାଲି, ଶାବଳ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ.୨୨୪/୨୧) ରୁଜୁ ହୋଇଛି। ସୂଚନା ମୁତାବକ, ଏହି ଡକାୟତି ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ସୌମ୍ୟରଞ୍ଜନ ଓ ଅନ୍ୟ ଅଭିଯୁକ୍ତମାନେ ଶନିବାର ରାତିରେ ମହୋତ୍ସବ ମେଳଣ ପଡିଆରେ ଏକତ୍ରିତ ହୋଇଥିଲେ। ପୂର୍ବ ପ୍ରସ୍ତୁତି ପ୍ରକାରେ ଖଣ୍ଡା, ଲୁହାରଡ, ଭୁଜାଲି, ଶାବଳ ଧରି ପହଞ୍ଚିଥିଲେ। ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ କୌଣସି ସୂତ୍ରରୁ ଖବରପାଇ ଏକ ଟିମ୍ ଗଠନ କରିଥିଲେ। ଏହି ଟିମ୍ ଘଟଣାସ୍ଥଳରେ ପହଞ୍ଚିବାରୁ ଅଭିଯୁକ୍ତମାନେ ଖସି ଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ସେମାନଙ୍କୁ ଗୋଡ଼ାଇ ଧରିବା ସହ ମାରଣାସ୍ତ୍ର ସହ ଟଙ୍କା ଜବତ କରିଥିଲା। ଏହି ଟିମ୍‌ରେ ଏସ୍‌ଆଇ ବି.କେ. ବେହେରା, ପି.ଏଲ. ବେହେରା, ଏଏସ୍‌ଆଇ ବସନ୍ତ ପଟ୍ଟନାୟକ, ଏ.ସାମନ୍ତରାୟ, କନଷ୍ଟେବଳ ପି.କେ. ହରିଚନ୍ଦନ ପ୍ରମୁଖ ସାମିଲ ଥିଲେ। ଏ ସମ୍ପର୍କରେ ଥାନାଧିକାରୀ ପଟ୍ଟନାୟକ କହିଛନ୍ତି, ଅଭିଯୁକ୍ତଙ୍କୁ ପଚରାଉଚୁରା ବେଳେ ଜଣାପଡିଥିଲା ଯେ, ସୌମ୍ୟରଞ୍ଜନ ଓ ବଳଭଦ୍ର କିଛିଦିନ ତଳେ ଗୁରୁଜଙ୍ଗର ଜଣେ ଆଇନଜୀବୀଙ୍କ ଘରୁ ଟଙ୍କା ଚୋରି କରିଥିଲେ। ସେହିପରି ଜଣେ ମାଛ ବ୍ୟବସାୟୀଠାରୁ ସୌମ୍ୟରଞ୍ଜନ ଟଙ୍କା ଛଡାଇ ନେଇଥିଲେ। ଟାଉନ ଥାନାରେ ସୌମ୍ୟରଞ୍ଜନଙ୍କ ନାଁରେ ୧୬ଟି ମାମଲା, ବଳଭଦ୍ରଙ୍କ ନାଁରେ ୮ଟି ଏବଂ ସୁଦୀପ୍ତଙ୍କ ନାଁରେ ୬ଟି ମାମଲା ରହିଛି ବୋଲି କହିଛନ୍ତି।

# ସଂକ୍ରମଣ ରୋକିବା ପାଇଁ ଜରିମାନାକୁ ଗୁରୁତ୍ୱ

## ଦିନକରେ ୨୨ହଜାର ଟଙ୍କା ଜରିମାନା ଆଦାୟ

**ବେଗୁନିଆ,୬।୬(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଅଞ୍ଚଳରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଶନିବାର ସନ୍ଧ୍ୟା ସୁଦ୍ଧା ବ୍ଲକ ଅଞ୍ଚଳରେ ମୋଟ୍ ପଜିଟିଭ ସଂଖ୍ୟା ୬୦୦ ଅତିକ୍ରମ କରିଛି। ଅମାନିଆଙ୍କ ଯୋଗୁ ସଂକ୍ରମଣ ହାର ବୃଦ୍ଧି ପାଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଗ୍ରାମାଞ୍ଚଳରେ ଲୋକେ ନିୟମ ମାନୁ ନ ଥିବାବେଳେ ବଜାର ଓ ହାଟରେ ଅମାନିଆଙ୍କ ଗହଳି ରହୁଛି। ଏଥିସହ ବେଆଇନ ନିଶାଦ୍ରବ୍ୟ ସେବନକାରୀ ଏବଂ ଚୋରା ମାଙ୍କଡା ଖଣିରେ ଏକାଧିକ ଶ୍ରମିକ ସଂକ୍ରମଣ ବଢାଉଛନ୍ତି ବୋଲି ଏକ ସାମାଜିକ ସଙ୍ଗଠନ ପକ୍ଷରୁ ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ରବିବାର ଶଟ୍‌ଡାଉନ ନିୟମ ଉଲ୍ଲଂଘନ କରି ବିଭିନ୍ନ ସ୍ଥାନରେ ବ୍ୟବସାୟୀ ବ୍ୟବସାୟ କରିବା ସହ ବିନା ମାସ୍କରେ ଲୋକମାନେ ଘରୁ ବାହାରି ଆଡ୍ଡା ଜମାଇଥିଲେ। ତହସିଲ ଓ ଥାନା ପକ୍ଷରୁ ମିଳିତଭାବେ ଚଢ଼ାଉ କରାଯାଇ ଦିନକରେ ଅମାନିଆଙ୍କଠାରୁ ୨୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ବିଗତ ଦିନରେ ସ୍ଥାନୀୟ ଅଞ୍ଚଳରୁ ୧ଲକ୍ଷ ୬୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ରାଜସ୍ୱ କାର୍ଯ୍ୟାଳୟରୁ ଜଣାପଡ଼ିଛି। ଏ ସମ୍ପର୍କରେ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ କହିଛନ୍ତି, ସଂକ୍ରମଣ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଆମାନିଆମାନେ ମାନିବାକୁ ନାରାଜ। ଜରିମାନାକୁ ଗୁରୁତ୍ୱ ଦେଲେ ସଂକ୍ରମଣ ହାର ରୋକାଯାଇପାରିବ ବୋଲି ଆଶା କରାଯାଉଛି।



ସପ୍ତାହାନ୍ତ ଶଟ୍‌ଡାଉନ ପାଇଁ ରବିବାର ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ରାସ୍ତା ଶୂନ୍‌ଶାନ୍ ରହିଛି।

## ଭିଜା, ପାସପୋର୍ଟ କରିଦେବାକୁ କହି ୩.୪ ଲକ୍ଷ ଠକେଇ

**ଭୁବନେଶ୍ୱର,୬।୬(ବ୍ୟୁରୋ)**

ଜଣେ ନୃତ୍ୟ ଗୁରୁ ବିଦେଶରେ ଡ୍ୟାନ୍ସ କନସର୍ଟ କରିବାକୁ ଯାଇ ଠକେଇର ଶିକାର ହୋଇଛନ୍ତି। ସିଙ୍ଗାପୁର ଓ ଦୁବାଇରେ ଡ୍ୟାନ୍ସ କନସର୍ଟ କରିବା ପାଇଁ ତାଙ୍କ ଛାତ୍ରୀଛାତ୍ର ଓ କେତେଜଣ ଅଭିଭାବକଙ୍କ ପାସପୋର୍ଟ ଏବଂ ଭିଜା କରିବାକୁ ଯାଇ ୩ ଲକ୍ଷ ୪୦ ହଜାର ଟଙ୍କା ଠକେଇର ଶିକାର ହୋଇଛନ୍ତି। ବମିଖାଲରେ ରହୁଥିବା ନୃତ୍ୟ ଗୁରୁ ଅମିତ ପାତ୍ର ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଅମିତ କେତେଜଣ ପିଲାଙ୍କୁ ନୃତ୍ୟ ଶିଖାନ୍ତି। ଏପ୍ରିଲ ୧ ଓ ୩ରେ ଉତ୍କଳ ଦିବସ ଉପଲକ୍ଷେ ଦୁବାଇ ଓ ସିଙ୍ଗାପୁରରେ ଡ୍ୟାନ୍ସ କନସର୍ଟ କରିବା ପାଇଁ ତାଙ୍କୁ ଅଫର ଆସିଥିଲା। ପ୍ରାୟ ୨୧ଜଣ ପିଲା ଓ ଅଭିଭାବକଙ୍କ ଯିବା ପାଇଁ ସୁଯୋଗ ରହିଥିଲା। ଜଣେ ବ୍ୟକ୍ତି ସେଠାରେ ପାସପୋର୍ଟ, ଭିଜା ସହ ସମସ୍ତ ସୁବିଧା କରାଇ ଦେବାକୁ ଅମିତଙ୍କୁ କହିଥିଲେ। ଏନେଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୩.୪୦ଲକ୍ଷ ଟଙ୍କା ଦେଇଥିଲେ। କରୋନା ପାଇଁ କନସର୍ଟ ବନ୍ଦ ହେବାରୁ ସେଠାକୁ ଯାଇ ନ ଥିଲେ। ଉକ୍ତ ବ୍ୟକ୍ତିଙ୍କୁ ଅମିତ ଟଙ୍କା ଫେରାଇବାକୁ କହିବାରୁ ସେ ଫେରାଇ ନ ଥିଲେ।

## ୭ରୁ ମାଗଣା ରାଶନ ସାମଗ୍ରୀ ବଣ୍ଟନ

**କଣାସ,୬।୬(ସ୍ୱ.ପ୍ର.)**

କୋଭିଡ୍ ଦ୍ୱିତୀୟ ଲହର ଯୋଗୁ ଗରିବ ଓ ଆର୍ଥିକ ସ୍ୱଚ୍ଛଳତା ନ ଥିବା ଲୋକମାନେ ଘରେ ରହି ଦୁର୍ଦ୍ଦଶା ଭୋଗୁଛନ୍ତି। କେନ୍ଦ୍ର ସରକାର ମେ ଓ ଜୁନ୍ ମାସର ଚାଉଳ ସେମାନଙ୍କୁ ଦିଆଯିବା ପାଇଁ ଗଣମାଧ୍ୟମରେ ପ୍ରଚାର କରିଥିଲେ। ଉକ୍ତ ଚାଉଳ ପୁରୀ ଜିଲା କଣାସ ବ୍ଲକରେ ଆସନ୍ତା ୭ତାରିଖଠାରୁ ବଣ୍ଟନ କରାଯିବା ପାଇଁ ବିଡିଓ ନିଷ୍ପତ୍ତି ନେଇଛନ୍ତି। ସକାଳ ୭ଟାରୁ ୧୧ଟା ମଧ୍ୟରେ ଡିଲର କେନ୍ଦ୍ରକୁ ଆସିବା ପାଇଁ ବିଡିଓ ଲୋଚନ ଦାସ ସମସ୍ତ ରାଶନ କାର୍ଡଧାରୀଙ୍କୁ ନିବେଦନ କରିଛନ୍ତି।

# ବଧୂହତ୍ୟା ମାମଲାରେ ୨ ଗିରଫ

**ବୋଲଗଡ଼,୬।୬(ଡି.ଏନ୍.ଏ.)**

ବୋଲଗଡ଼ ଥାନା ଅଧୀନ ପଞ୍ଚୁକୋଟ ଗ୍ରାମର ବିକାଶ ରାଉତରାୟଙ୍କ ସ୍ତ୍ରୀ ମମତାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ନେଇ ଶନିବାର ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ରବିବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଶ୍ୱଶୁର ନୀଳାମ୍ବର ରାଉତରାୟ ଓ ଶାଶୁ ସଞ୍ଜୁ ରାଉତରାୟ। ପ୍ରକାଶ ଯେ, ଏହି ଥାନା ଅଧୀନ ମାଣିକାଗୋଡ଼ା ଗ୍ରାମ ଦଳେଇସାହିର ସର୍ବେଶ୍ୱର ରଣସିଂହଙ୍କ ଝିଅ ମମତା ୨୦୨୦ ଜୁଲାଇରେ ବିକାଶଙ୍କୁ ବିବାହ କରିଥିଲେ। ଉକ୍ତ ସମୟରେ ଦାବି ମୁତାବକ ୭୦ହଜାର ଟଙ୍କା ଓ ଆସବାବପତ୍ର ଦିଆଯାଇଥିଲା। ବିବାହର କିଛିଦିନ ପରେ ଆଉ ୩୦ହଜାର ଟଙ୍କା ବାପଘରୁ ଆଣିବା ପାଇଁ ମମତାଙ୍କୁ ଶାଶୁଘର ଲୋକେ କହିଥିଲେ। ସେ ଏଥିରେ ଅରାଜି ହେବାରୁ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିଲେ। ବିକାଶ ଭୁବନେଶ୍ୱରରେ ଗାଡି ଚଳାଉଥିବା ବେଳେ ମମତା ଶାଶୁ ଓ ଶ୍ୱଶୁରଙ୍କ ସହ ଗ୍ରାମରେ ରହୁଥିଲେ। ଶନିବାର ସକାଳୁ ମମତା ଆତ୍ମହତ୍ୟା କରିଥିବା ଖବରପାଇ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତାଙ୍କ ଝିଅକୁ ତଣ୍ଟିଚିପି ହତ୍ୟା କରାଯାଇ ଝୁଲାଇ ଦିଆଯାଇଥିବା ନେଇ ସର୍ବେଶ୍ୱର ଥାନାରେ ଅଭିଯୋଗ କରଥିଲେ। ଏନେଇ ପୋଲିସ ଦଫା ୪୯୮ଏ, ୩୦୪ବି, ୩୦୨, ୩୪ ଆଇପିସି/ ଡିପିଏରେ ମାମଲା (ନଂ.୮୪/୨୧) ରୁଜୁକରି ତଦନ୍ତ ଚଳାଇଥିଲା।

# ଡିସିଏଚ୍, ସିସିସିରେ ୮୧୦ ଶଯ୍ୟା

**ଖୋର୍ଦ୍ଧା ଅଫିସ,୬।୬**



ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଦୈନିକ ସଂକ୍ରମଣ ୩ଶହ ଉପରେ ରହୁଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଜିଲାର ୧୦ ବ୍ଲକର ୧୯୦ ପଞ୍ଚାୟତରେ ୨୩ଟି କ୍ଲଷ୍ଟର ଟିଏମ୍‌ସିରେ ୭୫୦ ଶଯ୍ୟା ରହିଛି। ସେହିପରି ଖୋର୍ଦ୍ଧା ଓ ଜଟଣୀ ପୌରାଞ୍ଚଳ ସମେତ ବାଲୁଗାଁ ଓ ବାଣପୁର ଏନ୍‌ଏସିର ୭୧ ୱାର୍ଡରେ ୬ଟି କ୍ଲଷ୍ଟର ଟିଏମ୍‌ସିରେ ୧୪୫ ଶଯ୍ୟା ରହିଛି। ଶୁକ୍ରବାର ସୁଦ୍ଧା ୫ଟି ଟିଏମ୍‌ସିରେ ୨୭୬ଜଣ ସଙ୍ଗରୋଧରେ ରହିଥିଲେ। ସେଥିରୁ ୨୪୪ଜଣ ସଙ୍ଗରୋଧ ସାରି ଫେରିଛନ୍ତି। କରୋନା ରୋଗୀଙ୍କ ଚିକିତ୍ସା ଲାଗି ବାଲକାଟିସ୍ଥିତ ନୀଳାଚଳ କୋଭିଡ ମେଡିକାଲ(ଡିସିଏଚ), ଆଇଏନଏସ୍ ଚିଲିକା, ଖୁଦୁପୁର, ବାଲକାଟି ମଞ୍ଜରୀଦେବୀ ହୋମିଓପାଥି ଚିକିତ୍ସାଳୟ ଓ କଲେଜରେ କୋଭିଡ୍ କେୟାର ସେଣ୍ଟର(ସିସିସି) ରହିଛି। ଡିସିଏଚ ଏବଂ ସିସିସିରେ ମୋଟ ୮୧୦ଶଯ୍ୟା ରହିଛି। ସେଥିରୁ ୪୬୦ ଅକ୍ସିଜେନଯୁକ୍ତ ଶଯ୍ୟା। କୋଭିଡ୍ ସଚେତନତା ଏବଂ ଘରୋଇ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି। ୨୭ଟି ରାପିଡ୍ ରେସପନ୍ସ ଟିମ୍ ଏବଂ ପ୍ରତି ସିଏଚସି ସ୍ତରରେ ଗୋଟିଏ ଲେଖାଏ ମୋଟ ୧୦ଟି ଏବଂ ଜିଲାସ୍ତରରେ ୩ଟି କଣ୍ଟ୍ରୋଲରୁମ୍ କାର୍ଯ୍ୟ କରୁଛି। ଏଥିସହ ଜିଲା ସଂସ୍କୃତି ଭବନରେ ଗୋଟିଏ ହେଲ୍‌ଥ ମନିଟରିଂ ସେଲ୍ ୨ଟି ଶିଫ୍ଟରେ କାର୍ଯ୍ୟ କରୁଛି। କରୋନା ରୋଗୀଙ୍କ ପରାମର୍ଶ ଲାଗି ଡାକ୍ତରମାନେ ନିୟୋଜିତ ଅଛନ୍ତି। ମେ' ସୁଦ୍ଧା ୧୭୨୪୮ ଜଣ ରୋଗୀଙ୍କୁ ପରାମର୍ଶ ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୭ଜଣ ଡାକ୍ତରଙ୍କୁ ନେଇ ଟେଲି ମେଡିସିନ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଅଞ୍ଚଳରେ କୋଭିଡ୍ ରୋଗୀଙ୍କୁ ମେଡିକାଲକୁ ନେବା ଲାଗି ୨୦ଟି ସ୍ୱତନ୍ତ୍ର ଅକ୍ସିଜେନ ଯୁକ୍ତ କୋଭିଡ୍ ଆମ୍ବୁଲାନ୍ସ ପ୍ରତି ସିଏଚସି ମେଡିକାଲକୁ ଯୋଗାଇ ଦିଆଯାଇଛି। ଡିଏଚଏଚରେ ଗୋଟିଏ ଆଡଭାନ୍ସଡ୍ ଲାଇଫ ସପୋର୍ଟ ଆମ୍ବୁଲାନ୍ସ ସମେତ ୩ଟି ସ୍ୱତନ୍ତ୍ର ଆମ୍ବୁଲାନ୍ସର ବ୍ୟବସ୍ଥା ରହିଛି। ଜିଲାରେ ୩୧ଟି ୧୦୮ ଏବଂ ୧୦୨ ଆମ୍ବୁଲାନ୍ସ ରହିଛି। ସେହିପରି କୋଭିଡ୍ ମୃତ ରୋଗୀଙ୍କ ଲାଗି ୨ଟି ଆମ୍ବୁଲାନ୍ସ ବ୍ୟବସ୍ଥା ରହିଛି।

## ୧୮୧ ପଜିଟିଭ୍, ୩୨୧ ସୁସ୍ଥ

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ରବିବାର ୧୮୧ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୩୨୧ ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୧୩, ବାଲିପାଟଣା ୧୨, ଭୁବନେଶ୍ୱର ବ୍ଲକ ୨୨, ଜଟଣୀ ୨୩, ଖୋର୍ଦ୍ଧା ୩୫, ବେଗୁନିଆ ୧୮, ବୋଲଗଡ଼ ୨୦, ଟାଙ୍ଗୀ ୨୫, ଚିଲିକା ୭ ଏବଂ ବାଣପୁରର ୬ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୩,୫୫,୨୫୨ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୨,୪୫୭ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨୦,୫୯୬ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୬୮ଜଣଙ୍କ ମୃତ୍ୟୁ ଘଟିଛି। ୧୭୯୩ ସକ୍ରିୟ ସଂକ୍ରମିତ ରହିଛନ୍ତି। ଖୋର୍ଦ୍ଧା ଗ୍ରାମାଞ୍ଚଳରେ ରବିବାର ସୁଦ୍ଧା ୨,୦୮,୪୩୦ଜଣଙ୍କୁ ଟିକା ଦିଆଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ କୋଭିଡ୍‌ର ଦ୍ୱିତୀୟ ଲହରରେ ରବିବାର ସୁଦ୍ଧା ଖୋର୍ଦ୍ଧା ଗ୍ରାମାଞ୍ଚଳରେ ୭୦,୩୭୯ ନମୁନା ସଂଗ୍ରହ କରାଯାଇଛି। ତନ୍ମଧ୍ୟରୁ ୮୯୫୧ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୭୧୪୮ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୧୦ଜଣଙ୍କ ମୃତ୍ୟୁ ଘଟିଛି। ୧୭୯୩ ସକ୍ରିୟ ସଂକ୍ରମିତ ରହିଛନ୍ତି। ୧୩୭ କୋଭିଡ ଯୋଦ୍ଧା ସଂକ୍ରମିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୦୮ଜଣ ସୁସ୍ଥ,୨୮ ସକ୍ରିୟ ଏବଂ ଜଣଙ୍କର ମୃତ୍ୟୁ ଘଟିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପୂର୍ଣ୍ଣିମା



@ ଇଜାଜ୍



@ ଶିବଦତ୍ତ



@ ଶିବଶଙ୍କର



@ ନନ୍ଦିନୀ



@ ବିଶ୍ୱଜିତ୍



@ ଲକ୍ଷ୍ମୀଧର

# କଦମ୍ବ ବୃକ୍ଷ ଡାଳରୁ ଦର୍ଶନ ଦେଲେ ସାକ୍ଷୀଗୋପାଳ

**ସାକ୍ଷୀଗୋପାଳ, ୬।୬ (ଡି.ଏନ୍.ଏ)**

ସାକ୍ଷୀଗୋପାଳ ଠାକୁରଙ୍କ ଜଳକ୍ରୀଡ଼ା ନୀତିର ଏକାଦଶୀ ତିଥି ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାଣ ବର୍ଣ୍ଣିତ କ୍ରମେ ଯମୁନା ନଦୀରେ ଗୋପାଙ୍ଗନାମାନେ ସ୍ନାନ କରିବା ସମୟରେ ସେମାନଙ୍କର ବସ୍ତ୍ର ହରଣ କରି ଶ୍ରୀକୃଷ୍ଣ କଦମ୍ବ ବୃକ୍ଷ ଡାଳରେ ବସ୍ତ୍ର ରଖି ନିଜେ ବୃକ୍ଷ ଉପରେ ବସିବା ସହ ଗୋପାଙ୍ଗନାମାନଙ୍କୁ ହଟହଟା କରିଥିଲେ। ଏହି ଲୀଳା ଅନୁସାରେ ସାକ୍ଷୀଗୋପାଳ ଠାକୁର ରତ୍ନ ସିଂହାସନ ଉପରେ କଦମ୍ବ ବୃକ୍ଷ ଡାଳରୁ ଦର୍ଶନ ଦେଇଥିଲେ। ଦୈନନ୍ଦିନ ଦେବନୀତି ସହ ଦ୍ୱିପ୍ରହର ଧୂପବେଶରେ ଠାକୁରଙ୍କ ଜଳକ୍ରୀଡ଼ା ବେଶ କରାଯାଇଥିଲା। ଛନ୍ଦା ଚରଣକୁ ଢାଙ୍କି ଦିଆଯାଇ ଶୋଲରେ ନିର୍ମିତ ଖଞ୍ଜା ପୟର, ବେଙ୍ଗ ପାଟିଆ, ଚାପସରି, ମକରକୁଣ୍ଡଳ, ବାଙ୍କି, ନୁପୁର, ସୁବର୍ଣ୍ଣ ବଶିଂ, କିରୀଟ ଆଦି ଅଳଙ୍କାର ପରିଧାନ କରି କଦମ୍ବ ବୃକ୍ଷ ଡାଳରେ ସାକ୍ଷୀଗୋପାଳ ବିରାଜମାନ କରିଥିବା ଦେଖିବାକୁ ମିଳିଥିଲା। ପୂର୍ବ ବର୍ଷଗୁଡ଼ିକ ଭଳି ରଙ୍ଗଣୀ କୁଳ ପକ୍ଷରୁ ଏହି ବେଶ ଓ ନୀତି ଆୟୋଜିତ ହୋଇଥିଲା। ଭିତର ଚନ୍ଦନ ଅବସରରେ ଏହା କରାଯାଇଛି। ମାତ୍ର କରୋନା ପାଇଁ ମନ୍ଦିର ବନ୍ଦ ରହିଥିବାରୁ ଶ୍ରଦ୍ଧାଳୁମାନେ ଏହି ଦୁର୍ଲଭ ଦର୍ଶନରୁ ବଞ୍ଚିତ ହୋଇଥିଲେ।